୬ ନୂଆବର୍ଷରେ ନୂଆ ଇତିହାସ ରଚିଲେ ବୁମ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୩୪ ● ୨ ଜାନୁଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-334 ● 2nd January 2025, Thursday ● Bhubaneswar | Licensed to post without pre-payment of postage No- BN-60/25-27

## ନୂଆ ବର୍ଷରେ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ସାମୂହିକ ଦାୟିତ୍ୱ ନେଇ କାମ କରନ୍ତୁ

**ଭୁବନେଶ୍ୱର, ୦୧/୦୧**
**ନ୍ୟୁଜ ବ୍ୟୁରୋ**



ଇଂରାଜୀ ନବବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସାମୂହିକ ଦାୟିତ୍ୱ ସହ କାମ କରି ସରକାରଙ୍କ କାର୍ଯ୍ୟକ୍ରମ ଗୁଡିକ ସଫଳ କରିବାକୁ ପରାମର୍ଶ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ପରଲୋକ ଯୋଗୁଁ ରାଷ୍ଟ୍ରୀୟ ଶୋକ ପାଳନ ତଥା ଚାଷୀମାନଙ୍କ ଅଦିନିଆ ବର୍ଷା ଜନିତ ଫସଲ ହାନୀ ପାଇଁ ମୁଖ୍ୟମନ୍ତ୍ରୀ ନୂଆ ବର୍ଷକୁ ନିରାଡମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ, ବୁଧବାର ଅଧିକାରୀ ଓ କର୍ମଚାରୀମାନେ ବିନା ଫୁଲରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଛଅ, ସାତ ମାସ ମଧ୍ୟରେ ଆମ ସରକାର ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପ୍ରାୟତଃ ପୂରଣ ହୋଇଛି । ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ସଚିବମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, *(ପୃଷ୍ଠା ୭ରେ)*

# ବର୍ଷର ପ୍ରଥମ ଦିନରେ କୃଷକଙ୍କ ପାଇଁ ବଡ଼ ଘୋଷଣା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧ ।୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଡାଇ ଆମୋନିୟମ ଫସଫେଟ୍ (ଡିଏପି) ସାର ଉପରେ ସବସିଡି ଯୋଗାଇ ଦେବା ଲାଗି ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜକୁ ସମ୍ପ୍ରସାରଣ କରିଛନ୍ତି । ଏନବିଏସ ସବସିଡି ଅତିରିକ୍ତ ଡିଏପି ଉପରେ ମେଟ୍ରିକ ଟନ୍ ପିଛା ୩,୫୦୦ ଟଙ୍କାର ସବସିଡି ଯୋଗାଇ ଦିଆଯିବ ଏବଂ କ୍ୟାବିନେଟର ଏହି ନିଷ୍ପତ୍ତି ୧ ଜାନୁଆରୀ ୨୦୨୫ଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ଲାଗୁ ହେବ । ସାର ମନ୍ତ୍ରଣାଳୟର ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିବା ପରେ ଚାଷୀମାନଙ୍କୁ ସୁଲଭ ଦରରେ ନିରନ୍ତର ଭାବେ ଡିଏପି ସାର ଉପଲବ୍ଧ ହୋଇପାରିବ ।

କୃଷକମାନଙ୍କୁ ରିହାତି, ସୁଲଭ ଏବଂ ଯୁକ୍ତିସଙ୍ଗତ ମୂଲ୍ୟରେ ଡିଏପିର ଉପଲବ୍ଧତା ସୁନିଶ୍ଚିତ କରାଯିବ । କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଡିଏପି ସାରର ସୁଗମ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଅନୁମୋଦିତ ଏନବିଏସ ସବସିଡି ବ୍ୟତୀତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡି.ଏ.ପି. ଉପରେ ସ୍ୱତନ୍ତ୍ର ପ୍ୟାକେଜ ଆକାରରେ ମେଟ୍ରିକ ଟନ ପିଛା ୩,୫୦୦ ଟଙ୍କା ପ୍ରଦାନ କରାଯିବ ।

ସାର ଉତ୍ପାଦନକାରୀ/ଆମଦାନୀକାରୀଙ୍କ ମାଧ୍ୟମରେ କୃଷକମାନଙ୍କୁ ରିହାତି ମୂଲ୍ୟରେ ୨୮ ଗ୍ରେଡର ପି ଆଣ୍ଡ କେ ସାର ଉପଲବ୍ଧ କରାଯାଉଛି । ପି ଆଣ୍ଡ କେ ସାର ଉପରେ ସବସିଡି ଏନ.ବି.ଏସ. ଯୋଜନା ଦ୍ୱାରା ପରିଚାଳିତ ହୋଇଥାଏ । କୃଷକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ଭାରତ ସରକାର ଡାଇ-ଆମୋନିୟମ୍ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ନୂଆ ବର୍ଷରେ ୩ ଆଇପିଏସ୍‌ଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର, ୦୧/୦୧**
**ନ୍ୟୁଜ ବ୍ୟୁରୋ**

ଦୁଇ ଦିନ ତଳେ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ୮ ଜଣ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି ମିଳିଥିବା ବେଳେ ବୁଧବାର ଇଂରାଜୀ ନୂଆ ବର୍ଷରେ ୩ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ସରକାର ପଦୋନ୍ନତି ଦେଇଛନ୍ତି । ସେମାନେ ହେଉଛନ୍ତି ୧୯୯୩ ବ୍ୟାଚର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର, ଆର.ପି କୋଚେ ଓ ସୁଶାନ୍ତ କୁମାର ନାଥ । ଏହି ତିନି ଅଫିସରଙ୍କୁ ଡିଜିପି ପାହ୍ୟାକୁ ପଦୋନ୍ନତି ମିଳିଛି । ବିନୟତୋଷ ମିଶ୍ର ଏବେ କ୍ରାଇମବ୍ରାଞ୍ଚ ଏଡିଜି ଭାବେ କାର୍ଯ୍ୟ କରୁଛନ୍ତି । ଆର.ପି କୋଚେ ଗୁଇନ୍ଦା ନିର୍ଦ୍ଦେଶକ ଅଛନ୍ତି । ସୁଶାନ୍ତ କୁମାର ନାଥ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି । ସେ ବିଏସ୍ଏଫରେ କାର୍ଯ୍ୟ କରୁଛନ୍ତି । ଏହା ପୂର୍ବରୁ ୨୦୦୦ ବ୍ୟାଚ୍ ଆଇପିଏସ୍ ଅଫିସର ଯତୀନ୍ଦ୍ର କୋୟଲ ଓ ପ୍ରତୀକ ମହାନ୍ତିଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିଲା । ସେହିପରି ୨୦୦୭ ବ୍ୟାଚର ଆଇପିଏସ୍ ଅଫିସର ଅବିନାଶ କୁମାର, ସାର୍ଥକ ଷଡ଼ଙ୍ଗୀ ଓ ନିତି ଶେଖରଙ୍କୁ ଆଇଜି ପାହ୍ୟାକୁ ଏବଂ ୨୦୧୧ ବ୍ୟାଚର ଆଇପିଏସ୍ ଅଫିସର ପିନାକ ମିଶ୍ର, ବି. ଯୁଗୋଳ କିଶୋର କୁମାର ଓ ବି. ଗଙ୍ଗାଧରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଥିଲା ।

# ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୦୧/୦୧**
**ନ୍ୟୁଜ ବ୍ୟୁରୋ**

ସରକାରଙ୍କ ଲୋକବଳ ବଢିଲେ, ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେଇପାରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନ ଠାରେ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷ ମାନଙ୍କ ସହିତ *(ପୃଷ୍ଠା ୭ରେ)*







# ସାଲେପୁରରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ନବୀନ

**ସାଲେପୁର, ନ୍ୟୁଜ୍**

ରାଜ୍ୟରେ ଲଗାଣ ବର୍ଷାରେ କ୍ଷତି ସହିଥିବା ଚାଷୀମାନଙ୍କୁ ସାଲେପୁର ରେ ଚାଷୀ ଙ୍କୁ ସିଧା ସଳଖ ଭେଟି ଦୁଃଖ ଶୁଣିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକ । ରାଜ୍ୟରେ ଅଦିନିଆ ଲଘୁଚାପ ବର୍ଷାରେ କ୍ଷେତରେ ଲୋଟୁଛି ସୁନାର ଫସଲ । ଯାହାଫଳରେ ଭାଙ୍ଗି ଯାଇଛି ଚାଷୀମାନଙ୍କ ମେରୁଦଣ୍ଡ । ଧାନ ଫସଲ ସହ ପନିପରିବା ଆଦି ସବୁକିଛି ଉଜୁଡି ଯାଇଥିବା ବେଳେ ଚାଷୀଙ୍କ ଦୁଃଖକୁ ବୁଝିବା ପାଇଁ ମଙ୍ଗଳବାର ଅପରାହ୍ନରେ ସିଧାସଳଖ ଚାଷୀଙ୍କୁ ଭେଟିଛନ୍ତି ନବୀନ । ଫସଲ କ୍ଷୟକ୍ଷତିର ସମୀକ୍ଷା କରିବା ସହ ଚାଷୀ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି କ୍ରମରେ ମଙ୍ଗଳବାର ପହଞ୍ଚିଛନ୍ତି କଟକ ଜିଲ୍ଲା ସାଲେପୁର ବ୍ଲକ କଟରପା ପଞ୍ଚାୟତର କଟରପା ରଥଦାଣ୍ଡରେ । ହଜାର ହଜାର ହେକ୍ଟର ଚାଷ ଜମିରେ ଏବେ ଧାନ ଗଜା ହୋଇପଡ଼ିଥିବା ବେଳେ



ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ କି ପ୍ରଶାସନିକ ସ୍ତରରେ କିଛି ବ୍ୟବସ୍ଥା ମଧ୍ୟ ହୋଇନାହିଁ । ଏନେଇ କଟକ ଜିଲ୍ଲାପାଳଙ୍କୁ ବିଜେଡ଼ି ପକ୍ଷରୁ ଏକ ପ୍ରତିନିଧି ଦଳ ଭେଟି ଅବଗତ କରାଇଥିଲେ । ମଙ୍ଗଳବାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡ଼ି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାଲେପୁର ଗସ୍ତ କରି ଚାଷୀମାନଙ୍କୁ ଭେଟିବା ସହ ସମୀକ୍ଷା କରି ଚାଷୀମାନେ କେଉଁ ଅବସ୍ଥାରେ ଅଛନ୍ତି ବିସ୍ତୃତ ଆଲୋଚନା କରିଛନ୍ତି ଏନେଇ ଚାଷୀମାନେ ନବୀନ ପଟ୍ଟନାୟକଙ୍କୁ ପାଖରେ ପାଇ କାନ୍ଦି କାନ୍ଦି ସେମାନଙ୍କ ଦୁଃଖକୁ ଜଣାଇଥିଲେ ।

# ବୈତରଣୀ ନଦୀବନ୍ଧ ସୁରକ୍ଷା ଓ ଚଟାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିକଟରେ । ଧାମନଗର ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ମାତ୍ର ଏବେ ସେହି କାର୍ଯ୍ୟ ନିମ୍ନମାନର ହେଉଛି । ପ୍ରକାଶ ଥାଉକି ବୈତରଣୀ ନଦୀ ବନ୍ଧର ବାମପାର୍ଶ୍ୱର କ୍ଷେଣ୍ଟପୁର-ମିଶ୍ରପୁର ପର୍ଯ୍ୟନ୍ତ ଉନ୍ନତିକରଣ ଓ ଗମନାଗମନ ସୁବିଧା ପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ହେଉଛି । ମାତ୍ର କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନଥିବା ବେଳେ ଠିକାଦାର ମନମୁଖୀ ଭାବରେ କାମ କରୁଛନ୍ତି । ନିମ୍ନମାନର ନାଲି ମାଟି ସାଙ୍ଗକୁ ଡଷ୍ଟ ବି ସେପରି ଅତି ନିମ୍ନମାନର । ଯାହାକି ସେହି କାମ ହେଉଛି ରାସ୍ତାର ଦୁଇ ପାଖରେ ମାଟି ନପକାଇ ଘାସ ଚାଞ୍ଛି ଦେଇ କାମ କରୁଥିବା ଦେଖିବାକୁ ମିଳିଛି । ସେହିପରି ଦେହୁଡି ଆନନ୍ଦପୁର ପଞ୍ଚାୟତର ୨.୫ କୋଟି ଟଙ୍କା ବ୍ୟୟରେ ଆନନ୍ଦପୁର ଓ ଉଡେଇପୁର ଠାରେ ବୈତରଣୀ ବାମପାର୍ଶ୍ୱ ନଦୀ ବନ୍ଧର ସୁରକ୍ଷା ଓ ସୁଦୃଢୀକରଣ (ଉତ୍ତରବାହିନୀ ଘାଟ ନିର୍ମାଣ), ଆନନ୍ଦପୁର ଠାରେ ୧ କୋଟି ଟଙ୍କା ବ୍ୟୟରେ ଗେଙ୍ଗୁଟି ନଦୀବନ୍ଧର ଦକ୍ଷିଣ ପାଖ ଉନ୍ନତିକରଣ କାର୍ଯ୍ୟ କରାଯାଉଥିଲେ ମଧ୍ୟ ଅତିନିମ୍ନ ମାନର କାର୍ଯ୍ୟ ହେଉଛି । ଉତ୍ତର ବାହିନୀ ଘାଟ ନିକଟରେ ପଥର ଚଟାଣ କରାଯାଉଛିହେଲେ ନଦୀ ଭିତରୁ ପଥର ବିଛା ଯାଉନି । ତାପରେ ଅତି ଛୋଟ ଛୋଟ ପଥର ଲଗାଯାଇଛି ଯାହାକି ବୈତରଣୀ ନଦୀରେ ବନ୍ୟା ହେଲେ ପ୍ରବଳ ସ୍ରୋତରେ ପଥର ଭାସି ଯିବାର ସମ୍ଭାବନା ବି ରହିଛି । କୋଟି କୋଟି ଟଙ୍କାର କାର୍ଯ୍ୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସ୍ୱପ୍ନ ଧୂଳିସାତ ହେବ । ସବୁଠାରୁ ବଡ କଥା ହେଲା ଏହି ସବୁ ବୃହତ୍ତର କାର୍ଯ୍ୟ ଚାଲୁ ଥିବାବେଳେ କାର୍ଯ୍ୟ ନିକଟରେ କେହି ଅଧିକାରୀ ରହୁନାହାନ୍ତି । ଅଫିସ୍‌ରେ କର୍ମଚାରୀ ଅଭାବରୁ ସବୁ କାର୍ଯ୍ୟ ସ୍ଥଳକୁ ଅଧିକାରୀ ଯିବା ସମ୍ଭବ ନୁହଁ । ନଦୀବନ୍ଧ ଓ ଚଟାଣ କାର୍ଯ୍ୟ ଠିକ୍ କାମ ଚାଲିଛି ବୋଲି ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ ବିଜୟ ସେଠୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ତେବେ ନିର୍ମାଣାଧିନ କାର୍ଯ୍ୟକୁ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସରକାରୀ ଅର୍ଥ ସୁବିନିଯୋଗ କରାଯାଉ ବୋଲି କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା ଦାବି କରିଛନ୍ତି । ଏ ଦିଗରେ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି ।

# ସମ୍ବଲପୁରୀ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାରରେ ଗୁରୁ ସତ୍ୟନାରାୟଣଙ୍କ ଅବଦାନ ଅତୁଳନୀୟ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ୪୪ତମ ପୁଣ୍ୟତିଥି । ଏହି ଅବସରରେ ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ସଦସ୍ୟଙ୍କ ପକ୍ଷରୁ ସମ୍ବଲପୁର ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ଥିବା ଗୁରୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କର ପୁଣ୍ୟତିଥିରେ ଓଡ଼ିଶା ସାଂସ୍କୃତିକ ସମାଜ, ହୀରାଖଣ୍ଡ ସାମୁଖ୍ୟ, ଭାରତୀ ସମାଜ, ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ମଧ୍ୟ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମଧ୍ୟ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଗୁରୁଶ୍ରୀ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷାରେ ଅନେକ ରଚନା କରିବା ସହ ଭାଷା ସଂସ୍କୃତିର ପ୍ରଚାର ଦିଗରେ ୫୦ ବର୍ଷ ଧରି ସଂଘର୍ଷ କରି ବହୁ ସମ୍ବଲପୁରୀ କବି ଲେଖକ ଏବଂ କଳାକାର ସୃଷ୍ଟି କରିପାରିଥିଲେ । ତାଙ୍କର ଜନ୍ମଦିନକୁ ସମ୍ବଲପୁରୀ ଦିନ ଭାବରେ ପାଳନ କରାଯାଇଥାଏ । ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସମ୍ବଲପୁର ଲୋକ ମହୋତ୍ସବର ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ହୋତା, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ଼. ପରେଶ ଚନ୍ଦ୍ର ଦାନୀ, ସାଧାରଣ ସମ୍ପାଦକ ଦୀନବନ୍ଧୁ ପଣ୍ଡା, ସମ୍ବଲପୁରୀ ଧନୁଯାତ୍ରା ନିର୍ଦ୍ଦେଶକ ବାବଲୁ ବାଗ, କଂସ ମହାରାଜ ଫଣିନ୍ଦ୍ର ପଣ୍ଡା, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ଼ର ସଭାପତି ସଞ୍ଜୟ ବାବୁ, ସମ୍ବଲପୁର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶଙ୍କର ବେହେରା, ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀର ରାଜେନ୍ଦ୍ର ପଣ୍ଡା, ସମ୍ବଲପୁର ଲେଖକ ପରିଷଦର ସଭାପତି ଦେବାର୍ଚ୍ଚନ ଠାକୁର, ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘର ସୁରେନ୍ଦ୍ର ନାୟକ, ଐତିହାସିକ ଦୀପକ କୁମାର ପଣ୍ଡା, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଶାନ୍ତ କୁମାର ପାଟଯୋଶୀ, ଓଡ଼ିଶା ଯାଦବ ପରିବାର ସୁରେନ୍ଦ୍ର ବରର୍ତ୍ତି, ସିଦ୍ଧେଶ୍ୱରୀ ଧର୍ମ ସଂସଦର ଗୋପୀନାଥ ଷଡ଼ଙ୍ଗୀ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ଉପଦେଷ୍ଟା ଡ଼. ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ ପ୍ରମୁଖ ରହିଥିଲେ ।

## ଟ୍ରେନ୍‌ରୁ ପଡ଼ି ଯୁବକ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ଚଉଷଠିପଡ଼ା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀନଦୀ ବ୍ରିଜ୍ ନିକଟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡି ଜଣେ ଯୁବକର ମୃତ୍ୟୁ ଘଟିଛି । ଯୁବକ ଜଣକ ପଶ୍ଚିମବଙ୍ଗ ମାଳଦା ଜିଲ୍ଲାର ସତର ମାଇଲଗ୍ରାମର ସୁଚେତା ଦାସଙ୍କ ପୁଅ ପ୍ରଦୀପ ଦାସ (୩୩) । ଜେନାପୁର ପୋଲିସ ଶବକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି ।

### ଗୁଣପୁର ନୂଆ ବସ୍‌ଷ୍ଟାଣ୍ଡ ଦୋକାନ ଗୃହ ଭଙ୍ଗା ମାମଲା

# ଜାନୁଆରୀ ୭ରେ କୋର୍ଟରେ ହାଜର ହେବାକୁ ପୌରାଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଗୁଣପୁର, ନ୍ୟୁଜ୍**

ଗୁଣପୁର ନୂଆ ବସ୍‌ଷ୍ଟାଣ୍ଡର ଦୋକାନ ଗୃହ ଗୁଡ଼ିକୁ ବିନା ନୋଟିସ୍‌ରେ ଭାଙ୍ଗିଦେବା ପ୍ରସଂଗରେ ସ୍ଥାନୀୟ ଏସ୍‌ଡ଼ିଜେଏମ୍ କୋର୍ଟ ପୌର ଅଧକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ଜାନୁଆରୀ ୭ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ୍ ରଖିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି । ଗୁଣପୁର ଏସ୍‌ଡ଼ିଜେଏମ୍ କୋର୍ଟରେ ପୌର ଅଧକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୋକାନ ମାଲିକ ସଂଘର ସଭାପତି ବିଷ୍ଣୁ ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ମାଧବ ବିଷୋୟୀ ମାମଲା ରୁଜୁ କରିଥିବା ନେଇ ମକଦ୍ଦମା ଲଢୁଥିବା ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି । କୋର୍ଟରେ ଦାୟର ମାମଲାରୁ ଜଣାପଡ଼ିଛି ଯେ ନୂଆବସ୍‌ଷ୍ଟାଣ୍ଡର ବାମ ପଟେ ଥିବା ୨୬ଟି ଦୋକାନ ଗୃହ ଗୁଡ଼ିକୁ ୨୦୦୩ ମସିହାରେ ପୌର ପାଳିକା ୨୬ ଜଣଙ୍କ



ଠାରୁ ୪୦ ହଜାର ଟଙ୍କା ଲେଖାଏଁ ଆଦାୟ କରି ଦୋକାନ ଗୃହ ପ୍ରଦାନ ନିମନ୍ତେ ଚୁକ୍ତି କରିଥିଲେ । ଦୋକାନ ଗୃହ ଗୁଡ଼ିକ ୨୦୧୫ ଲଟିରି କରି ଜଣାଇ ଦିଆଯାଇଥିଲା କିନ୍ତୁ ସେହି ଦୋକାନଗୁଡିକ ହସ୍ତାନ୍ତର ପୂର୍ବରୁ ବେଆଇନ୍ ଭାବେ ବିନା ନୋଟିସ୍‌ରେ ପୂର୍ତ୍ତ ବିଭାଗର ପ୍ରମାଣ ପତ୍ର ନଥାଇ ଗତ ମାସରେ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ । ସେହିପରି ଡାହାଣପଟେ ଥିବା ସ୍ୱୟଂ ଆର୍ଥିକ ଯୋଜନାରେ ନିର୍ମିତ ୯୨ଟି ଦୋକାନ ଗୃହ ଏବଂ ନିଲାମ୍ ମାଧ୍ୟମରେ ୯୯ ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରିଥିବା ୨୧ଟି ଦୋକାନ ଗୁଡ଼ିକ ମଧ୍ୟ ଭାଙ୍ଗିଦେବାକୁ ଦୋକାନ ମାଲିକ ମାନଙ୍କୁ ନଭେମ୍ବର ମାସ ୩୦ ସୁଦ୍ଧା ବିନା ନୋଟିସ୍‌ରେ ଖାଲି କରିବାକୁ ଚେତାବନୀ ଦେଇଥିଲେ । ପ୍ରକାଶ ଥାଉକି ଦୋକାନ ଗୃହ ଗୁଡ଼ିକ ଦୋକାନୀଙ୍କ ନିଜସ୍ୱ ଟଙ୍କାରେ ନିର୍ମିତ କରାଯାଇଥିବା ବେଳେ ଜାଗା ବାବଦକୁ କେବଳ ପୌରପାଳିକାଙ୍କୁ ଖାଉଟି ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ମାସିକ ୩୦୦ ଟଙ୍କା ଭଡ଼ା ପଇଠ କରାଯାଉଛି । ପୌରପାଳିକା ୯୯ ବର୍ଷ ପାଇଁ ଲିଜ୍ ସୂତ୍ରରେ (୧ ଲକ୍ଷରୁ ଦେଢ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଲାମ୍) ଦିଆଯାଇଥିବା ୨୧ଟି ଦୋକାନ ମାଲିକଙ୍କ ଠାରୁ ମଧ୍ୟ ବେଆଇନ୍ ରୁପେ ଭଡ଼ା ଆଦାୟ କରୁଥିବା ଆଶ୍ଚର୍ଯ୍ୟ କରିଛି । ସେହିପରି ଦୋକାନ ଗୁଡ଼ିକର କୌଣସି ମରାମତିର ଆବଶ୍ୟକତା ନଥିବା ବେଳେ ଦୋକାନ ଗୁଡ଼ିକ କାହିଁକି ଭଙ୍ଗାଯିବ ବୋଲି ପ୍ରଶ୍ନ କରାଯାଇଛି । ବେନିୟମ ଭାବେ ପଦକ୍ଷେପ ନିଆଯାଉଥିବା ନେଇ ପଦାରେ ପଡ଼ିବା ପରେ ତରବାରିଆ ରୁପେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରବି ଶର୍ମାଙ୍କୁ ପ୍ରଭାବିତ କରି ଦୋକାନ ଗୁଡ଼ିକର ଅବସ୍ଥା ଠିକ୍ ନଥିବା ଦର୍ଶାଇ ପ୍ରମାଣ ପତ୍ର ଯୋଗାଡ କରିଥିବା ଅଭିଯୋଗ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନ ୨୨ କୋଟି ଟଙ୍କା ବ୍ୟୟରେ ଓଏସ୍‌ଆର୍‌ଟି ସଂସ୍ଥା ପକ୍ଷରୁ ରାଜ୍ୟ ହାଉସିଂ ବୋର୍ଡ ନୂଆବସ୍‌ଷ୍ଟାଣ୍ଡର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ସେମାନଙ୍କ ଡିପିଆର୍‌ରେ ୩୦ଟି ଦୋକାନ କେବଳ ନିର୍ମାଣ କରିବାକୁ ଯୋଜନା ରହିଛି । ଅପରପକ୍ଷରେ ପୌର କର୍ତ୍ତୃପକ୍ଷ କାହିଁକି ନୂଆ ବସ୍‌ଷ୍ଟାଣ୍ଡରେ ଥିବା ୧୩୯ଟି ଦୋକାନ ଗୃହ ଭାଙ୍ଗିବା ନିମନ୍ତେ ଯୋଜନା କରିଛି । ସ୍ପଷ୍ଟ କରୁନାହିଁ କେବଳ ନୂଆ ବସ୍‌ଷ୍ଟାଣ୍ଡରେ ୨୬୦ଟି ନୂଆ ଦୋକାନ ନିର୍ମାଣ କରାଯିବ ବୋଲି ମୌଖିକ ଭାବେ କହୁଛି । ଏଥିପାଇଁ ଆବଶ୍ୟକ ହେଉଥିବା ୨୫ କୋଟି ଟଙ୍କାର ସରକାରୀ ଅନୁଦାନ କେଉଁଠୁ ଆସିବ କିଛି କୁହାଯାଇନାହିଁ । ସେହିପରି ଡିପିଆର୍ ପ୍ରସ୍ତୁତ ହୋଇନାହିଁ କି ଟେଣ୍ଡର ଡାକିବା ସମ୍ପର୍କରେ କାଉନ୍‌ସିଲ୍ ବୈଠକରେ କୌଣସି ପ୍ରସ୍ତାବ ଗ୍ରହଣ କରାଯାଇନାହିଁ ଏବଂ ପ୍ରଶାସନିକ ଅନୁମୋଦନ ହୋଇନଥିବା ଓକିଲ ସଂଘ ସଭାପତି ତଥା ବରିଷ୍ଠ କାଉନ୍‌ସିଲର ଦେବୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି । ପୌରପାଳିକାର ଏହି ବେନିୟମ କାର୍ଯ୍ୟକଳାପ ସମ୍ପର୍କରେ କାଉନ୍‌ସିଲର ମାନେ ଜିଲ୍ଲାପାଳ ପାରୁଲ୍ ପାଟ୍‌ଓ୍ୱାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଛନ୍ତି । ବର୍ତ୍ତମାନ ମାମଲା ସ୍ଥାନୀୟ କୋର୍ଟରେ ବିଚାରଧୀନ ରହିଥିବା ବେଳେ କୋର୍ଟର ଚୁଡ଼ାନ୍ତ ରାୟ ପ୍ରକାଶ ପାଇବା ପରେ ନୂଆ ବସ୍‌ଷ୍ଟାଣ୍ଡର ଦୋକାନ ଗୃହ ଗୁଡ଼ିକର ଭବିଷ୍ୟତ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ନିବାସରେ ଅଗ୍ନିକାଣ୍ଡ । ବିଶ୍ୱବିଦ୍ୟାଳୟର ସାବେରୀ ଛାତ୍ରୀ ନିବାସରେ ଏଭଳି ଅଘଟଣ ଘଟିଥିବା ଜଣାପଡିଛି । ଦିନ ୧୦ ଟା ଠାରୁ ୧୦.୩୦ ମିନିଟ୍ ମଧ୍ୟରେ ଘଟିଛି ଅଗ୍ନିକାଣ୍ଡ । ତେବେ ସର୍ଟ୍‌ସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ସାବେରୀ ଛାତ୍ରୀନିବାସର ୩୫ ନମ୍ବର ରୁମ୍‌ରେ ନିଆଁ ଲାଗିଥିବା ଜଣାପଡିଥିବା ବେଳେ ବ୍ରହ୍ମପୁର ଅଗ୍ନିଶମ ବାହିନୀ ଯାଇ ନିଆଁକୁ ଆୟତ୍ତ କରିଛନ୍ତି । ନିଆଁର ମାତ୍ରା ଅଧିକ ଥିବାରୁ ଆସବାବପତ୍ର ସବୁ ନଷ୍ଟ ହୋଇଯାଇଛି । ବିଶେଷ କ୍ଷୟକ୍ଷତିର ନାହିଁ ସୂଚନା । ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରାଯାଇଥିଲା । ଦମକଳ ଗାଡି ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚିଥିବାରୁ ନିଆଁ ଆୟତ୍ତ ହୋଇଛି । ତେବେ ଅଗ୍ନିକାଣ୍ଡରେ କିଛି ଆସବାବପତ୍ର ଓ ଛାତ୍ରୀଙ୍କ ପୋଷାକ ପୋଡିଥିବା ବେଳେ ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ । ହଷ୍ଟେଲ୍‌ରେ ଏପରି ନିଆଁ ଲାଗିବା ଦେଖି ଭୟଭୀତ ହୋଇପଡିଥିଲେ ଛାତ୍ରଛାତ୍ରୀ ।

## ଅନ୍ନପୂର୍ଣ୍ଣା ମହାରଣାଙ୍କ ସେବା ଓ ତ୍ୟାଗର ପଟାନ୍ତର ନାହିଁ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ମହିୟସୀ ନାରୀ ନେତ୍ରୀ ତଥା ଚୌଧୁରୀ ପରିବାରର ସୁଯୋଗ୍ୟା ଦାୟାଦ ଅନ୍ନପୂର୍ଣ୍ଣା ମହାରଣାଙ୍କ ୧୨ତମ ଶ୍ରାଦ୍ଧବାର୍ଷିକ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ତାଙ୍କ ବକ୍ତବ୍ୟରେ ଅନ୍ନପୂର୍ଣ୍ଣା ମହାରଣା ତ୍ୟାଗ ଓ ସେବାର ପଟାନ୍ତର ନାହିଁ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ଏସ୍.ଭି.ଏମ୍. କଲେଜର ଯୁକ୍ତଦୁଇର ଅଧକ୍ଷ ବିଜୟ କୁମାର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ମାତ୍ର ୧୩ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ମହାରଣା ଜମିଦାରୀ ଆଭିଜାତ୍ୟକୁ ପଛରେ ପକାଇ ଦେଶର ସ୍ୱାଧୀନତା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ହରିଜନ ସେବା, ନିଶାନିବାରଣ, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଆଲୋଚନାରେ ଭାଗ ନେଇ ଅନ୍ନପୂର୍ଣ୍ଣା ମହାରଣାଙ୍କ ରଚିତ ଆତ୍ମଚରିତ "ଅମୃତ ଅନୁଭବ" ଉତ୍ତରପିଢି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ, ରମାକାନ୍ତ ସାମନ୍ତରାୟ ଓ ଚନ୍ଦ୍ରଶେଖର ରାୟ ପ୍ରମୁଖ ଆଲେଚନାରେ ଭାଗ ନେଇ ଅନ୍ନପୂର୍ଣ୍ଣା ମହାରଣାଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

# ବିଧାୟକଙ୍କୁ ଦେଖି ଉଚ୍ଛେଦକାରୀ ଟିମ୍ ଡୋଜର୍ ଛାଡ଼ି ପଳାଇଲେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ଏକ ବିଚିତ୍ର ଘଟଣା ଘଟିଛି । ବିଏମ୍‌ସି, ବିଡ଼ିଏର ଉଚ୍ଛେଦକାରି ଦଳ ଡୋଜର୍ ସହ ୟୁନିଟ୍-୨ ଏରିଆରେ ଉଠାଦୋକାନୀ ମାନଙ୍କୁ ଜୋର୍‌ଜବରଦସ୍ତ ଉଚ୍ଛେଦ କରିବା ପାଇଁ ଆସିଥିଲେ । ସେହି ସମୟରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଙ୍ଗ ଜୋନ୍ ମହାସଂଘର ଉପସଭାପତି ସୂର୍ଯ୍ୟମଣୀ ସାହୁ, ନିରଞ୍ଜନ ପାଣ୍ଡେ, ଇବି ମେମ୍ବର ସୁଦର୍ଶନ ସାହୁ, ମୁଲତା ନାୟକ ସେଠାରେ ପହଞ୍ଚି ବିଏମ୍‌ସି ସହିତ ଉଠାଦୋକାନୀ ମାନଙ୍କୁ ଆଇନ୍ ଅନୁଯାୟୀ ନହଟେଇବା ପାଇଁ ଅନୁରୋଧ କରିଥିଲେ । ବିଏମ୍‌ସିର



କର୍ମଚାରୀମାନେ କୌଣସି କଥା ନଶୁଣି ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ଦୋକାନୀମାନେ ହାତରେ ପ୍ଲାକାର୍ଡ଼ ଧରି ଧାରଣାରେ ବସିଥିଲେ । ସେତିକିବେଳେ କିଛି ଦୋକାନୀମାନେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ । ତତ୍କ୍ଷଣାତ ଶ୍ରୀ ଜେନା ଉଠାଦୋକାନୀ ମାନଙ୍କ ସହିତ ଡୋଜର ପାଖକୁ ଆସିବା ସମୟରେ ବିଧାୟକଙ୍କୁ ଉଚ୍ଛେଦକାରୀ ଦଳ ଦେଖି ଡୋଜର ଓ ଏକ ମିନି ଟ୍ରକ୍‌କୁ ଛାଡ଼ି କେଉଁଆଡ଼େ ପଳାଇଯାଇଥିଲେ । ବିଧାୟକ ବିଏମ୍‌ସି ଅଧିକାରୀଙ୍କୁ ଖୋଜିଲାବେଳକୁ ଗାଡ଼ିରେ ଆଉ କେହିନାହାଁନ୍ତି । ଶ୍ରୀ ଜେନା ବିଏମ୍‌ସିର ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଫୋନ୍ ମାଧ୍ୟମରେ ଗରିବ ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ ନକରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଉଠାଦୋକାନୀ ମାନଙ୍କର ହାଇକୋର୍ଟଙ୍କର ରହିତାଦେଶ ରହିଛି ତେଣୁ ତୁମେ ସେମାନଙ୍କୁ ଉଠାଇପାରିବ ନାହିଁ ବୋଲି କହିଥିଲେ । ସେପଟେ ଡ଼େପୁଟି କମିଶନର ଅଜୟ କୁମାର ମହାନ୍ତି ଓ ଜଏଣ୍ଟ ଡେପୁଟି କମିଶାନର ମଧ୍ୟ ରାଜଲକ୍ଷ୍ମୀ ମାଡ଼ାମ କଳ୍ପନା ଛକ ନିକଟରେ ଥିବା ଉଠାଦୋକାନୀ ମାନଙ୍କୁ ଡାକି ତାଙ୍କ ସାଥିରେ ବସି ଉଠାଦୋକାନୀ ମାନଙ୍କର ଥଇଥାନ ଉପରେ ଆଲୋଚନା କରିଥିଲେ । ଅନ୍ୟ ଦିଗରେ ବିଏମ୍‌ସି ୧୨ଟି ଜାଗାରେ ଉଚ୍ଛେଦ କରିବାକୁ ଥିବା ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ ନକରି ଫେରି ଆସିଥିଲେ । ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ ଓଡ଼ିଶାକୁ ପ୍ରବାସୀ ଭାରତୀୟମାନେ ଆସୁନାହାଁନ୍ତି ଯେ ୨୦ ହଜାର ଲୋକଙ୍କର ଜୀବନ ଜୀବିକା ଛଡ଼େଇ ନେବାକୁ ଆସୁଛନ୍ତି । ଯଦି ରାଜ୍ୟ ସରକାର ଉଠାଦୋକାନୀ ଉଚ୍ଛେଦ ବନ୍ଦ ନକରନ୍ତି ତାହେଲେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଏମ୍‌ସି ଅଧିକାରୀ ଓ ରାଜ୍ୟ ସରକାର ଦାୟୀ ରହିବେ ।



## କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ପହଞ୍ଚିଲେ ସାଂସଦ ବୈଜୟନ୍ତ ପଣ୍ଡା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ ଜିଲ୍ଲାରେ ଧାନ ଓ ପନିପରିବାରେ ଚାଷ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି । ଚାଷୀକୁଳ ନାହିଁନଥିବା ଖେତିର ସମ୍ମୁଖୀନ ହୋଇଛନ୍ତି । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଏହି ଖବର ଜାଣିବା ପରେ ମଙ୍ଗଳବାର କେନ୍ଦ୍ରାପଡ଼ା ଗସ୍ତ କରି କେନ୍ଦ୍ରାପଡ଼ା ବ୍ଲକର ଜଝାଙ୍ଗ ଓ ଡେରାବିଶ ବ୍ଲକର ବାରିମୂଳ ପଞ୍ଚାୟତର ଚାଷୀମାନଙ୍କୁ ଭେଟିବା ସହିତ ଶସ୍ୟକ୍ଷେତ ବୁଲି ଦେଖିଥିଲେ ସାସଂଦ ବୈଜୟନ୍ତ ପଣ୍ଡା । ଜଝାଙ୍ଗ ଓ ବାରିମୂଳ ପଞ୍ଚାୟତ ଚାଷୀମାନଙ୍କୁ ଭେଟିବା ସହ ଶସ୍ୟକ୍ଷେତ ବୁଲୁଥିଲେ । ବହୁ ଚାଷୀଙ୍କର କ୍ଷେତରେ ବର୍ଷା ଜଳ ଜମି ରହିଥିବା ସହ ବିଲରେ ଧାନ ଗଜା ହୋଇଥିବା ଦେଖିବାକୁ ପାଇଥିଲେ । ସାସଂଦ ଶ୍ରୀ ପଣ୍ଡାଙ୍କ ସହିତ କେନ୍ଦ୍ରାପଡା ଜିଲ୍ଲାପାଳ ଓ କୃଷି ଅଧିକାରୀଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ଯଥାଶୀଘ୍ର ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଶ୍ରୀ ପଣ୍ଡା ସ୍ଥାନୀୟ ସ୍ୱୟଙ୍ଗସିଧା ହୋଟେଲ୍‌ରେ ପହଞ୍ଚି ଜିଲ୍ଲାର ସମସ୍ତ ବିଜେପି କର୍ମୀମାନଙ୍କ ସହିତ ସାଂଗଠାନିକ ଆଲୋଚନା କରିଥିଲେ । ଉକ୍ତ ସମସ୍ତ କାର୍ଯ୍ୟ କର୍ମରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାର ବିଜେପି ସଭାପତି କିଶୋର କୁମାର ପଣ୍ଡା, ଅଭିମନ୍ୟୁ ଗୋଚ୍ଛାୟତ, ଦୁର୍ଯ୍ୟୋଧନ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଉପନି ରାଉତ, ସଲିମି ଖାଁ, ଗୀତାଞ୍ଜଳି ସେଠୀ, ତେଜସ୍ୱର ପରିଡ଼ା, ଲଳିତ ବେହେରାଙ୍କ ସମେତ ମହିଳା ମୋର୍ଚ୍ଚାର ପ୍ରିୟଦର୍ଶିନୀ ନନ୍ଦ, ମନୀଷା ପଣ୍ଡା, ଝିଲି ଦାସ ପ୍ରମୁଖ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ / ୬ବୃ | ୫ | ରା୪ / ଶୁଶ୍ମ୩ |
| ୮ମ | ୨୨ / ୧୦ | ଚ୨ |
| ୯ / ୧୦କେ | ୧୧ | ର୧ଲ / ବୃ୧୨ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୧।୨୦୨୫, ପୌଷ ଦି୧୮ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୬।୨୨।୦୭ **ଚନ୍ଦ୍ରୋଦୟ-** ଦିଘ ୮।୨୩।୦୪

**ତୃତୀୟା-** ରାଘ ୧୦୯ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ରାଘ ୧୧।୧୦ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧।୦୯ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୬ ଗତେ ଘ ୭।୫୨ ମଧ୍ୟେ । ସନ୍ଧ୍ୟା ଘ ୬।୦୯ ଗତେ ରାଘ ୯।୩୯ ମଧ୍ୟେ ।



**ମେଷ:** ଦିନଟି ଆପଣଙ୍କର ଶୁଭଫଳ ହେବ । ଚାକିରୀ କ୍ଷେତ୍ରରେ ସନ୍ତୁଷ୍ଟ ଲାଭ କରିବେ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ ।



**ବୃଷ:** ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ସ୍ଥିର ରହିବ । ଘରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଆୟର ପରିମାଣ ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ । ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବାର ସୂଚନା ।



**କର୍କଟ:** ଭ୍ରମଣ କରିବାର ସୁଯୋଗ ଜୁଟିପାରେ । ଦେହ ଓ ମନ ଭଲ ରହିବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ବିଜୟୀ ହେବେ ।



**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**କନ୍ୟା:** ଅନେକ ଦିନର ଆଶା ଅଭିଳାଷ ପୂର୍ଣ୍ଣ ହେବ । ଆୟର ପରିମାଣ ବୃଦ୍ଧି ହେବ । ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂତନ ଦ୍ରବ୍ୟ କ୍ରୟ କରିବାର ସୁଯୋଗ ଜୁଟିପାରେ ।



**ତୁଳା:** ବିବାଦୀୟ ଘଟଣାରେ ନିରବ ରହିବା ଭଲ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ରୋଜଗାର ଠାରୁ ଖର୍ଚ୍ଚର ପରିମାଣ ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।



**ବିଛା:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଆଜି ଅନୁକୂଳ ଅଟେ । ଦେବ ଦର୍ଶନ ସହ ଦେବା ପୂଜାର ମଧ୍ୟ ସୁଯୋଗ ଜୁଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ । ରୋଜଗାରର ପରିମାଣ ସାମାନ୍ୟ ବଢ଼ିପାରେ । ଗୃହେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ । ଶରୀର ସୁସ୍ଥ ରହିବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ସୁଅ ଛୁଟିବ ।



**କୁମ୍ଭ:** ନୂତନ କାର୍ଯ୍ୟ ହାତକୁ ନେଇ ସମ୍ପୂର୍ଣ୍ଣ କରିବେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ମୀନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବନାହିଁ । ଏଣୁ ସାବଧାନତା ଅବଲମ୍ବନୀୟ । ଖର୍ଚ୍ଚର ପରିମାଣ ବଢ଼ିବ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ପାରିବାରିକ ବିଶୃଙ୍ଖଳା ହେବାର ସମ୍ଭାବନା । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩।୧।୨୦୨୫, ପୌଷ ଦି୧୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୬।୨୨।୨୬ **ଚନ୍ଦ୍ରୋଦୟ-** ଦିଘ ୯।୦୬।୨୨

**ଚତୁର୍ଥୀ-** ରାଘ ୧୧।୪୦ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ରାଘ ୧୦।୨୨ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଦିଘ ୧୦।୪୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୧୦।୪୭ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ଦିଘ ୧୦।୪୭ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୧।୪୦ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୭।୦୯ ମଧ୍ୟେ । ଦିଘ ୧୨।୧୩ ଗତେ ଘ ୩।୦୬ ମଧ୍ୟେ । **ପର୍ବୋତ୍ସବ-** ବରଗଡ଼ରେ ଧନୁଯାତ୍ରା ଆରମ୍ଭ ।

30 YEARS
ସମ୍ବାଦ କଳିକା

# ନିଯୁକ୍ତି ହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି । ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି । ମାଇଁ ଆର୍ କ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡ଼ୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି । ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି । ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା । ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା । ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା । ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କମ୍ପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେଷ୍ଟୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି । ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି । ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମସ୍ତୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)
ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡ଼ି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖିଛନ୍ତି କି ?



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ମହାଭାରତ ଯୁଦ୍ଧ ଶେଷହେବା ପରେ ଚକ୍ରବର୍ତ୍ତୀ ସମ୍ରାଟ ଯୁଧିଷ୍ଠିର ହସ୍ତିନାପୁରରେ ନିଷ୍କଣ୍ଟକ ଶାସନ କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଗାନ୍ଧାରୀଙ୍କର ଅଭିଶାପ କାରଣରୁ ମହାଭାରତ ଯୁଦ୍ଧର ୩୬ ବର୍ଷ ପରେ ନିଜର ପୁତ୍ର ମାନଙ୍କ ସହିତ ସମଗ୍ର ଯଦୁବଂଶ ଧ୍ୱସ ହୋଇଯିବା କାରଣରୁ ବ୍ୟଥିତ ତଥା ଚିନ୍ତିତ ଭଗବାନ ଶ୍ରୀକୃଷ୍ଣ ସାତଦିନ ଭିତରେ ନଗରୀ ମଧ୍ୟରେ ଥିବା ରାଣୀ ଓ ପିଲାମାନଙ୍କୁ ସୁରକ୍ଷିତ ଭାବରେ ହସ୍ତିନାପୁରକୁ ନେଇଯିବା ପାଇଁ ଦୂତ ହାତରେ ଯୁଧିଷ୍ଠିରଙ୍କୁ ଖବର ଦେଲେ ଓ ରାଜଉଆସକୁ ନଯାଇ ଚିନ୍ତିତ ମନରେ ବନ ମଧ୍ୟରେ ବିଶ୍ରାମ ନେଇଥଲେ । ସେତେବେଳକୁ ଜ୍ୟେଷ୍ଠ ଭ୍ରାତା ବଳରାମ ଦେହତ୍ୟାଗ କରିସାରିଥିଲେ । ସେଠାରେ ଶ୍ରୀକୃଷ୍ଣଙ୍କ ଦୁଇପାଦକୁ ହରିଣ କାନ ମନେକରି ଶିକାର ସଂଧାନରେ ବଣରେ ବୁଲୁଥିବା ଜାରା ଶବରର ଶରାଘାତ ହେତୁ ସେ ମୃତ୍ୟ ବରଣ କରିଥିଲେ । ଜାରା ତାଙ୍କୁ ଆଘାତ କରିଥିବା ଉକ୍ତ ଶରର ଅଗ୍ରଭାଗରେ ଲାଗିଥିବା ତୀକ୍ଷ୍ଣ ଲୁହା ଖଣ୍ଡ ହେଉଛି ସେହି ଅଭିଶପ୍ତ ଲୌହ ମୂଷଳର ଶେଷାଂଶ ଯାହାକୁ ପଥରରେ ଘଷି ଘଷି ଶେଷ କରି ନପାରି ଅବଜ୍ଞାରେ ଯାଦବମାନେ ସମୁଦ୍ର ଗର୍ଭରେ ନିକ୍ଷେପ କରିଦେଇ ଥିଲେ । ଗବେଷକ ମାନେ କହନ୍ତି ଭଗବାନ ଶ୍ରୀକୃଷ୍ଣ ଆଜକୁ ୫୨୫୨ ବର୍ଷ ପୂର୍ବେ ୧୮ଜୁଲାଇ ୩୨୨୮( ଖ୍ରୀ.ପ)ଶ୍ରାବଣମାସ କୃଷ୍ଣପକ୍ଷ ଅଷ୍ଟମୀ ବୁଧବାର ଦିନ ରୋହିଣୀ ନକ୍ଷତ୍ରରେ ରାତ୍ରି ୧୨ରେ ଜନ୍ମ ଗ୍ରହଣ କରିଥିଲେ ଓ ୧୮ ଫେବୃଆରୀ ୩୧୦୨(ଖ୍ରୀ.ପୂ)ଦିନ ୧୨୫ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା । ତାଙ୍କର ବୟସ ୮୯ ହୋଇଥିଲା ବେଳେ ମହାଭାରତ ଯୁଦ୍ଧ ଉକ୍ତ ବର୍ଷ ୮ ଡିସେମ୍ବରରେ ଆରମ୍ଭ ହୋଇ ୨୫ ଡିସେମ୍ବର ଦିନ ଶେଷ ହୋଇଥିଲା ।

ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଏବଂ ଦ୍ୱାରକା ନଗରୀ ଜଳମଗ୍ନ ହୋଇଯିବା ହେତୁ ବ୍ୟଥିତ ମହାରାଜା ଯୁଧିଷ୍ଠିର 'ସୁରସୈନ' ମଥୁରା ବୃନ୍ଦାବନ କ୍ଷେତ୍ରର ଶାସନ ଭାର ଶ୍ରୀକୃଷ୍ଣଙ୍କ ଅଣନାତି ବ୍ରଜନବାଙ୍କୁ ଦେଇଥିଲେ ଓ ହସ୍ତିନାପୁର ତ୍ୟାଗ କରି ଦ୍ରୌପଦୀ ଓ ଭାଇମାନଙ୍କ ସହ ନିଜେ ସ୍ୱର୍ଗାରୋହଣ କରିଥିଲେ । ଏହା ମହାଭାରତରେ ବର୍ଣ୍ଣିତ ଅଛି । ମହାଭାରତ ଯୁଦ୍ଧରେ ସମଗ୍ର କୁରୁବଂଶ ସହିତ ଯଦୁବଂଶ ମଧ୍ୟ ଧରାପୃଷ୍ଠରୁ ସବୁଦିନପାଇଁ ଲୋପ ପାଇଯାଇଥିଲା । ଜୀବିତ ଥିଲେ କେବଳ ପାଣ୍ଡବ ପାଞ୍ଚଭାଇ, ଶ୍ରୀକୃଷ୍ଣ, ସାତ୍ୟକୀ ଓ ଯୁଯୁତ୍ସୁ-ଏହି ଆଠଜଣ ମାତ୍ର । ଏବେ ଶ୍ରୀକୃଷ୍ଣଙ୍କର ବଂଶଧର ଦାବୀ କରୁଥିବା ଯାଦବମାନେ ତାଙ୍କର ବଂଶଧର ନୁହନ୍ତି। କାରଣ ଶ୍ରୀକୃଷ୍ଣ ରାଜବଂଶୀ କ୍ଷତ୍ରିୟ , ଯାଦବ ମାନେ ଶ୍ରୀକୃଷ୍ଣଙ୍କ ପାଳିତ ପିତା 'ନନ୍ଦ'ଙ୍କ ବଂଶଧର ଅଟନ୍ତି ।

ମଥୁରା ବୃନ୍ଦାବନ କ୍ଷେତ୍ରର ଶାସନଭାର ଗ୍ରହଣ କଲା ପରେ ବ୍ରଜନବା ଶ୍ରୀକୃଷ୍ଣଙ୍କୁ ଆଦୌ ଭୁଲିପାରି ନଥିଲେ । ସେ ନିଜେ ଜଣେ ଅତି ଉତ୍ତମ ସ୍ଥପତି ଥିଲେ । ଅତିସାନ ଥିଲାବେଳେ ସେ ଶ୍ରୀକୃଷ୍ଣଙ୍କୁ ଦେଖିଥିଲେହେଁ ତାଙ୍କର ରୂପକଳ୍ପ, ତାଙ୍କର ଦେହ ହାତ , ଗୋଡ ଓ ଆଖି ଆଦି ଅଙ୍ଗପ୍ରତ୍ୟଙ୍ଗ କେମିତି ଥିଲା ଭଲଭାବେ ସ୍ମରଣ କରିପାରୁ ନ ଥିଲେ । ଯାହାବି ସ୍ମରଣ ଥିଲା ତାରି ସାହାଯ୍ୟରେ ସେ ନିଜେ ଥର ଥର କରି ଶ୍ରୀକୃଷ୍ଣଙ୍କର ତିନିଗୋଟି ପ୍ରତିମା ତିଆରି କରିଥିଲେ । ମୂର୍ତ୍ତି ନିର୍ମାଣ ସମାପ୍ତିରେ ସେ ନିଜର ମାତା ଉଷା (ପ୍ରବଳ ପ୍ରତାପୀ ଅସୁରରାଜା ବାଣାସୁରର କନ୍ୟା ଓ ଶ୍ରୀକୃଷ୍ଣଙ୍କ ଅଣନାତି ପ୍ରଦ୍ୟୁମ୍ନଙ୍କ ପୁତ୍ର ବଧୂ) ଙ୍କୁ ମୂର୍ତ୍ତି ତିନୋଟିକୁ ଦେଖାଇ ଏଥିମଧ୍ୟରୁ କେଉଁଟି ଶ୍ରୀକୃଷ୍ଣଙ୍କ ଅବିକଳ ପ୍ରତିରୂପ ବୋଲି ପ୍ରଶ୍ନ କରିଥିଲେ। ମାତା କହିଲେ ଏଥିମଧ୍ୟରୁ କୌଣସି ଗୋଟିଏ ପୂର୍ଣ୍ଣ ରୂପରେ ଭଗବାନଙ୍କର ପ୍ରତିରୂପ ନୁହେଁ। ପ୍ରଥମଟିର ମୁଖମଣ୍ଡଳ ଅର୍ଥାତ ବେକଠାରୁ ଉପରକୁ ଭଗବାନଙ୍କର ମସ୍ତକ, ୨ୟଟିର ବେକଠାରୁ ଅଣ୍ଟା ପର୍ଯ୍ୟନ୍ତ ଏବଂ ୩ୟ ଟିର ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଅଂଶ ଭଗବାନଙ୍କର ଶରୀର ସଦୃଶ ହୋଇଅଛି ।



ମାତା ଉଷା କହିଲେ, ଯଦିଓ ଏହି ତିନୋଟି ମୂର୍ତ୍ତି ମଧ୍ୟରୁ କେହି ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ ମୋ ମତରେ ତିନିଗୋଟି ମୂର୍ତ୍ତିକୁ ପୂଜା କରିବା ବାଂଛନୀୟ । ମାତାଙ୍କ ପରାମର୍ଶରେ ବ୍ରଜନଭା ନିକଟବର୍ତ୍ତି ଅଞ୍ଚଳ (ଆଜିକାଲିର ବୃନ୍ଦାବନ) ରେ ତିନିଗୋଟି ଭବ୍ୟ ମନ୍ଦିର ନିର୍ମାଣ କରି ତିନୋଟି ମୂର୍ତ୍ତିକୁ ପ୍ରତିଷ୍ଠା କରି ପୂଜା ଆରମ୍ଭ କରିଦେଲେ । ଅଙ୍ଗ ଲକ୍ଷଣ ଅନୁସାରେ ଉକ୍ତ ମନ୍ଦିର ତିନୋଟିକୁ ଅଲଗା ଅଲଗା ନାମକରଣ କରାଯାଇଥିଲା । ଏଗୁଡିକ ହେଲା ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ସଦୃଶ ମୂର୍ତ୍ତି- ଶ୍ରୀ ଗୋବିନ୍ଦ ଦେବଜୀ ମନ୍ଦିର, ବେକଠାରୁ ନାଭି ସଦୃଶ ମୂର୍ତ୍ତି - ଶ୍ରୀଗୋପୀନାଥଜୀ ମନ୍ଦିର ଓ ନାଭିଦେଶଠାରୁ ପାଦ ସଦୃଶ ମୂର୍ତ୍ତି-ଶ୍ରୀ ମଦନ ମୋହନଜୀଙ୍କ ମନ୍ଦିର । କାଳକ୍ରମେ ଯବନମାନେ ଧନ ଲୋଭରେ ଯମୁନା ତଟବର୍ତ୍ତୀ ସମୃଦ୍ଧ ଅଂଚଳ ଉପରେ ଆକ୍ରମଣ କରି ଲୁଟପାଟ ଆରମ୍ଭ କରି ଦେବାରୁ ସେବାୟତ ଓ ପୂଜାରୀମାନେ ମନ୍ଦିର ଏବଂ ଦେବପ୍ରତିମା ମାନଙ୍କର ସୁରକ୍ଷା ନିମନ୍ତେ ସେ ସବୁକୁ ନାଳ, ପାହାଡ ଓ ଜଙ୍ଗଲ ମଧ୍ୟରେ ଲୁଚାଇ ଦେଇଥିଲେ । ଫଳରେ ଶହ ଶହ ବର୍ଷଧରି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ଓ ଭକ୍ତିର କେନ୍ଦ୍ର ଥିବା ବୃନ୍ଦାବନ ନଗରୀ ଅଳ୍ପ ଦିନରେ ଶ୍ମଶାନରେ ପରିଣତ ହୋଇଗଲା ।

ଷୋଡଶ ଶତାବ୍ଦୀ ଆରମ୍ଭରେ ସର୍ବ ପ୍ରଥମେ ବଙ୍ଗଳାର ଶ୍ରୀଚୈତନ୍ୟ ଦେବ ଭଗବାନ ଶ୍ରୀକୃଷ୍ଣଙ୍କ ଏହି ତିନିଗୋଟି ଦିବ୍ୟ ମୂର୍ତ୍ତି /ପ୍ରତିମା ସଂବନ୍ଧରେ ଅବଗତ ହୋଇ ସେମାନଙ୍କୁ ଖୋଜି ଠାବ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ନିଜର ଶିଷ୍ୟ ସନାତନ ଗୋସ୍ୱାମୀ, ରୂପ ଗୋସ୍ୱାମୀ, ଜୀବା ଗୋସ୍ୱାମୀ, ରଘୁନାଥ ଭଟ୍ଟ ଓ ଗୋପାଳ ଭଟ୍ଟଙ୍କୁ ବୃନ୍ଦାବନ କ୍ଷେତ୍ରରେ ଭୂମିଗତ ହୋଇଥିବା ଏହି ଦେବ ପ୍ରତିମା ମାନଙ୍କୁ ଚିହ୍ନଟ ଓ ଉଦ୍ଧାର କରି ପୁନଃ ପ୍ରତିଷ୍ଠା ନିମନ୍ତେ ପ୍ରେରଣ କରିଥିଲେ । ଦୀର୍ଘ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ ସେମାନେ ଉକ୍ତ ପ୍ରତିମା ମାନଙ୍କର ସନ୍ଧାନ ପାଇଥିଲେ । ଶ୍ରୀ ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀ ଦୁଇଭାଇ ଥିଲେ । ସେ ସମୟରେ ବୃନ୍ଦାବନ ନିକଟବର୍ତ୍ତି ଅଂଚଳରେ ଗୋମତିଲା ନାମକ ଗୋଟିଏ ବିରାଟକାୟ ମାଟିଗଦା ଥିଲା। ସ୍ଥାନୀୟ ବାସିନ୍ଦାଙ୍କ ବିଶ୍ୱାସ ଥିଲା ଯେ ମୋଗଲ ଆକ୍ରମଣ ସମୟରେ ଉକ୍ତ କ୍ଷୁଦ୍ର ମାଟି ପାହାଡ ତଳେ ସେବକମାନେ ମନ୍ଦିର ମାନଙ୍କରେ ଥିବା ଠାକୁରମାନଙ୍କୁ ଲୁଚାଇ ଦେଇଛନ୍ତି । ଏହାକୁ ସଂଯୋଗ କୁହନ୍ତୁ କିମ୍ବା ଚୈତନ୍ୟଙ୍କ ଶିଷ୍ୟ ମାନଙ୍କର ପ୍ରଚେଷ୍ଟାର ଫଳ ହେଉ ସୌଭାଗ୍ୟ କ୍ରମେ ମାଟି ଖୋଳିବା ସମୟରେ ଅନ୍ୟାନ୍ୟ ବହୁ ବିଗ୍ରହଙ୍କ ସମେତ ଭଗବାନ ଶ୍ରୀକୃଷ୍ଣଙ୍କ ତିନିଗୋଟି ମୂଳ ବିଗ୍ରହ ମିଳିଯାଇଥିଲା । ତୁରନ୍ତ ଶ୍ରୀବିଗ୍ରହ ମାନଙ୍କର ପ୍ରତିଷ୍ଠା ସେହି ସ୍ଥାନରେ କରାଯାଇ ସେବା ପୂଜାର ବନ୍ଦୋବସ୍ତ ହୋଇଥିଲା । ରୂପଗୋସ୍ୱାମୀ ଶ୍ରୀବୃନ୍ଦାଦେବୀଙ୍କୁ ବ୍ରହ୍ମକୁଣ୍ଡ ନାମକ ଗ୍ରାମରେ ଠାବ କରିଥିଲେ । ପରେ ବ୍ରଜଭୂମି ଆଗ୍ରା ଓ ଦିଲ୍ଲୀ ନିକଟରେ ରହିଥିବାରୁ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କ କୃରଦୃଷ୍ଟିରୁ ରକ୍ଷା କରିବା ପାଇଁ ଏହି ଚାରିଗୋଟି ବିଗ୍ରହଙ୍କ ସହ ଅନ୍ୟ ଦେବାଦେବୀଙ୍କୁ ମାଟିତଳେ ଲୁଚାଇ ଦିଆ ଯାଇଥିଲା ।

ଦୀର୍ଘ ୪୫ ବର୍ଷ ଭୂମିଗତ ରହିବା ପରେ ସନ ୧୭୨୮ ରେ ଜୟପୁର ନଗରୀର ସ୍ଥାପନା ପରେ ପ୍ରାତଃ ସ୍ମରଣୀୟ ମହାରାଜା ଜୟସିଂହଙ୍କ ଉଦ୍ୟମରେ ଶ୍ରୀବିଗ୍ରହ ମାନଙ୍କୁ ବିଭିନ୍ନ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା । ଶ୍ରୀଗୋବିନ୍ଦ ଦେବଜୀଙ୍କୁ ଜୟପୁର ପାଲେସ ପଛପାଖେ ଥିବା ଜୟ ଉଦ୍ୟାନରେ, ଶ୍ରୀଗୋପୀନାଥଜୀଙ୍କୁ ଜୟପୁର ନିକଟବର୍ତ୍ତୀ ଅନ୍ୟ ଏକ ସ୍ଥାନରେ ଏବଂ ଶ୍ରୀମଦନମୋହନ ଦେବଜୀଙ୍କୁ କରୌଲିର ରାଜା ନେଇଯାଇ ନିଜ ରାଜମହଲ ଭିତରେ ନିର୍ମିତ ଏକ ମନ୍ଦିରରେ ପ୍ରତିଷ୍ଠା କରିଥିଲେ । ତିନୋଟିଯାକ ବିଗ୍ରହ ଭଗବାନ ଶ୍ରୀକୃଷ୍ଣଙ୍କ ସଂପୂର୍ଣ୍ଣ ପ୍ରତିରୂପ ହୋଇଥିବାରୁ ଏହି ମନ୍ଦିର ମାନଙ୍କରେ ଏକ ପ୍ରକାରର ପୂଜା ପଦ୍ଧତି ଅନୁସରଣ କରା ଯାଇଥାଏ । ଏହି ତିନୋଟି ସ୍ଥାନରେ ପୁରୀ ରଥଯାତ୍ରା ସମୟରେ 'ରଥଯାତ୍ରା' ଅନୁଷ୍ଠିତ ହୋଇଥାଏ ।

# ଖୋରଧାର ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା



ଉମାଶଙ୍କର ପ୍ରସାଦ
ସ୍ତମ୍ଭକାର,
ଖୋରଧା
ମୋ-୬୩୭୦୬ ୭୫୫୬୨

ଖୋରଧା କଥା ମନକୁ ଆସିଲେ, ଏହାର ଗୌରବମୟ ବୀରତ୍ୱ ବ୍ୟଞ୍ଜକ ଐତିହ୍ୟ ଓ ସାମରିକ ପରମ୍ପରା ସମ୍ପର୍କରେ ସ୍ୱତଃ ମନରେ ଏକ ଲହରୀ ସୃଷ୍ଟି ହୁଏ। କେବଳ ସାମରିକ ନୁହେଁ, ଖୋରଧାର ଏକ ସାଂସ୍କୃତିକ ଓ ସାହିତ୍ୟିକ ପରମ୍ପରା ନିଜର କାୟା ବିସ୍ତାର କରି ଆସିଛି ଆଜକୁ ଶତାବ୍ଦୀ ଶତାବ୍ଦୀ ଧରି। ଖୋରଧା ମାଟିର ସେହି ଅବିସ୍ମରଣୀୟ ବୀରସୁର ମାନଙ୍କର ସ୍ମୃତି ଚାରଣ କରି ସ୍ୱନାମଧନ୍ୟ କବି ରାୟସାହେବ ପଦ୍ମଚରଣ ପଟ୍ଟନାୟକ ତାଙ୍କର "ଖୋରଧା ପ୍ରଥମ ଦର୍ଶନ" ରେ ଯାହା ଲେଖିଥିଲେ ତାହା ଅଦ୍ୟାବଧି ପାଠକ ହୃଦୟରେ ଶିହରଣ ସଞ୍ଚାର କରେ। " କି କଲି କି କଲି କେଡେ ଅପରାଧ, କିଭୂମିରେ ଆଜି ଦେଲି ମୋର ପାଦ। ଯହିଁ ଟେକିଦେଲେ ଟେକା ଖଣ୍ଡେ ଏଥି-ମିଳି ଯିବ ବୀର ଅସ୍ଥି ମଜ୍ଜା ଗ୍ରନ୍ଥି। ଖୋରଧାର ସେହି କୀର୍ତ୍ତିଗାନ କେବଳ ବୀରତ୍ୱ ଓ ଶୌର୍ଯ୍ୟ ପ୍ରଦର୍ଶନରେ ସୀମିତ ନଥିଲା। ଠିକ୍ ଅନୁରୂପ ଭାବେ ଦେବୀ ବୀଣାପାଣି ମଧ୍ୟ ଖୋରଧା ପ୍ରତି କରୁଣା ପ୍ରକାଶରେ କାର୍ପଣ୍ୟ ପ୍ରକାଶ କରିନଥିଲେ। ଖୋରଧା କହିଲେ ଏକ ବିଶାଳ ଭୂଖଣ୍ଡକୁ ବୁଝାଏ। ଯାହାର ପୂର୍ବରେ ପୁରାଣ ପ୍ରସିଦ୍ଧ ପ୍ରାଚୀନଦୀ, ମନ୍ଦିର ମାଳିନୀ ଶୈବକ୍ଷେତ୍ର ଏକାମ୍ର ନଗରୀ ଓ ପଶ୍ଚିମରେ ନୟାଗଡ ଓ ରଣପୁର ଅବସ୍ଥିତ। ଏହାର ଉତ୍ତରରେ ଉତ୍କଳ ଜାହ୍ନବୀ ମହାନଦୀ ଓ ଦକ୍ଷିଣରେ ମହୋଦଧି ଏହାର ପାଦ ସ୍ପର୍ଶ କରୁଛି। ଏହି ଗରିମାମୟ ଖୋରଧା କେବଳ ବୀରପ୍ରସବିନୀ ନୁହେଁ। ଯୁଗ ଯୁଗ ଧରି ଏହାର କୋଳରେ କବି, ସାହିତ୍ୟିକ, ସ୍ଥପତି ଶିଳ୍ପୀ, ଦାର୍ଶନିକ, ସମାଜ ସଂସ୍କାରକ ଜନ୍ମଲାଭ କରି ଉତ୍କଳୀୟ ସାହିତ୍ୟ, ସଂସ୍କୃତି, କଳା, ଭାସ୍କର୍ଯ୍ୟକୁ ସ୍ୱ ସ୍ୱ ପ୍ରତିଭା ବଳରେ ଋଦ୍ଧିମନ୍ତ କରି ଯାଇଛନ୍ତି। ସେମାନଙ୍କ ପୁଷ୍କଳ ସୃଷ୍ଟି ଦ୍ୱାରା ଯୁଗେ ଯୁଗେ ଓଡିଆ ସାହିତ୍ୟ ଜୀବନ୍ତ ହେବା ସହ ପରିପୂର୍ଣ୍ଣତା ଦିଗରେ ଅଗ୍ରସର ହୋଇଛି। ତେବେ ଆସନ୍ତୁ ସେହି ମହାନ କାଳଜୟୀ ବିଭୁତି ମାନଙ୍କ ବିଷୟରେ ସମ୍ୟକ ଆଲୋକପାତ କରିବା।

ଉତ୍କଳର ବରପୁତ୍ର ବୈଷ୍ଣବ କବି ଜୟଦେବ ପ୍ରାଚୀନଦୀ ପ୍ଳାବନୀ, ପୁଗ, ପନାଗ, ନାରିକେଳ ପରିବେଷ୍ଟିତ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶାନ୍ତ ସ୍ନିଗ୍ଧ ପରିବେଶ ମଧ୍ୟରେ ଭକ୍ତ କବିଙ୍କ କଣ୍ଠରୁ ନିସୃତ ହୋଇଥିଲା ଗୀତ ଗୋବିନ୍ଦର କାନ୍ତକୋମଳ ପଦାବଳୀ ଯାହା କେବଳ ଉତ୍କଳ ନୁହେଁ ଭାରତୀୟ ସାରସ୍ୱତ ଭଣ୍ଡାରରେଏକ ମହାର୍ଘ ଦେଦିପ୍ୟମାନ ମଣି ଓ ଉତ୍କଳ ସଂସ୍କୃତିର ପ୍ରାଣକେନ୍ଦ୍ର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଯାଇଛି। ସେହିଭଳି ଉତ୍କଳୀୟ ସାହିତ୍ୟ ଭଣ୍ଡାରକୁ ଏ ମାଟିର କବିଙ୍କର ମହାନ ଅବଦାନ ରହିଛି। ପଞ୍ଚସଖା ଯୁଗର ସମକାଳୀନ ପ୍ରାକ୍‌ରୀତି ଅର୍ଥାତ ଷୋଡଶ ଶତାବ୍ଦୀର ଜଣେ ମହାନ ପ୍ରତିଭାଧର କବି ନରସିଂହ ସେଣ ଖୋରଧା ନିକଟବର୍ତ୍ତୀ ହଳଦିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ଦେବଙ୍କ ଗୌଡୀୟ ବୈଷ୍ଣବ ଧର୍ମ ପ୍ରଭାବରେ ସେ ପରକୀୟା ପ୍ରୀତିତତ୍ତ୍ୱକୁ ନେଇ ଦୀର୍ଘ ଚତୁର୍ବିଂଶ ଛାନ୍ଦରେ 'ପରିମଳା' କାବ୍ୟ ରଚନା କରିଛନ୍ତି। ଏହା ଏକ କାଳ୍ପନିକ କାବ୍ୟ ହେଲେ ମଧ୍ୟ ଏଥିରେ ଶୃଙ୍ଗାର ରସର ପ୍ରାବଲ୍ୟ ଦେଖାଯାଏ। ଏହି କାବ୍ୟ ସୃଷ୍ଟି କରି କବି ରୀତିଯୁଗୀୟ କାବ୍ୟ ସୃଷ୍ଟି ପାଇଁ ଭିତ୍ତି ନିର୍ମାଣ କଲେ। ସେହିପରି ରୀତିଯୁଗୀୟ ଅନ୍ୟ ଜଣେ ବଳିଷ୍ଠ କବି ଥିଲେ 'ଭକ୍ତଚରଣ ଦାସ' , ତାଙ୍କର ଆଦ୍ୟ ନାମ ଥିଲା ସାଧୁଚରଣ। ସଂସାର ବିରାଗୀ ସନ୍ୟାସୀ ଭକ୍ତଚରଣଙ୍କ ମଠ ଖୋରଧାର ଉପାନ୍ତରେ ଅବସ୍ଥିତ ରାଜସୁନାଖଳାରେ ଅଦ୍ୟପି ବିଦ୍ୟମାନ। ତାଙ୍କର ରଚିତ "ମନବୋଧ ଚଉତିଶାକୁ" ଓଡିଆ ସାହିତ୍ୟରେ ଶଙ୍କରାଚାର୍ଯ୍ୟଙ୍କ "ମୋହ ମୁଦ୍‌ଗର" ର ଆଖ୍ୟା ଦିଆଯାଇପାରେ। ଏହାକୁ ପାଠକଲେ ଜଣେ ଅନାସକ୍ତ ଭାବ ଏବଂ ଅତିନ୍ଦ୍ରିୟ ଚେତନାରେ ଅଭିବ୍ୟଞ୍ଜିତ ଚଉତିଶାଟି ଯେକୌଣସି ବ୍ୟକ୍ତି ପ୍ରାଣରେ ଏହି ସଂସାରର ଅଳୀକତା, ଅସାରତା ସର୍ବୋପରି କ୍ଷଣିକତା ସଂପର୍କରେ ଗଭୀର ମୁଦ୍ରାଙ୍କନ ହୋଇଥାଏ। ସାଂସାରିକ ମୋହ ମାୟା ପ୍ରତି ବୈରାଗ୍ୟର ଭାବ ଏହି ଚଉତିଶାର ମର୍ମବାଣୀ। ତାଙ୍କ ରଚିତ ଆଉ ଏକ ଓଡିଶାର ପୁରପଲ୍ଲୀରେ ଆଦୃତ କାବ୍ୟ 'ମଥୁରା ମଙ୍ଗଳ' ଯେଉଁଥିରେ ବାଳମୁକୁନ୍ଦ କୃଷ୍ଣଙ୍କର ମଥୁରା ଆଗମନର ଚିତ୍ର ବର୍ଣ୍ଣିତ ହୋଇଛି। କୃଷ୍ଣଙ୍କର ମଥୁରା ଗମନ ପରେ ତାଙ୍କ ବିରହ ବେଦନାରେ ବ୍ୟଥିତ ହୋଇଥିବା ଗୋପାଙ୍ଗନା ମାନଙ୍କୁ ସାନ୍ତ୍ୱନା ଦେବାପାଇଁ କୃଷ୍ଣ ଉଦ୍ଧବଙ୍କୁ ଦୂତ ଭାବରେ ପ୍ରେରଣ କରିଛନ୍ତି। ମାତ୍ର ଯେତେବେଳେ ଉଦ୍ଧବ ବିରହି ଗୋପୀମାନଙ୍କୁ ଜ୍ଞାନମାର୍ଗର ତାତ୍ତ୍ୱିକ ବିଶ୍ଳେଷଣ ଶୁଣାଇଛନ୍ତି, କୃଷ୍ଣପ୍ରେମରେ ବିହ୍ୱଳ ବାତୁଳ ହୋଇଥିବା ଗୋପୀମାନେ ଉଦ୍ଧବଙ୍କୁ ପ୍ରେମମାର୍ଗର ରାଗାନୁଗା ଭକ୍ତିର ଶ୍ରେଷ୍ଠତ୍ୱ ସୂଚାଇ ଯାହା କହିଛନ୍ତି ତାହାହିଁ କବି ଭକ୍ତଚରଣଙ୍କର ଅନ୍ତଃସ୍ୱର :- ଯାହା ହେଲା "କ୍ଷୀର ଭାଣ୍ଡେ ଦଧି ଦେଲେ , ନାଶଯାଏ ସେହୁ ଭଲେ—ଜ୍ଞାନ କଥା କିପାଇଁ କହିଲ ହେ ହରିଦୂତ / ଆମର ଭକତି ରତ୍ନାକର – ଜ୍ଞାନ ନଦୀ ତହିଁ ସମକର— କେବଳ ସେ ରସର ଭଣ୍ଡାର / ବ୍ରହ୍ମ ଜ୍ଞାନ ତାହାର କିଙ୍କର। ରୀତିଯୁଗୀୟ ଅନ୍ୟ ଏକ କବି ଓ ଓଡିଶାର ପ୍ରଥମ ନାରୀକବି 'ବୃନ୍ଦାବତୀ ଦାସୀ' ହେଉଛନ୍ତି ଖୋରଧା ମାଟିର ଜଣେ ବୈଷ୍ଣବୀୟ କବି। ବୈଷ୍ଣବ ଧର୍ମର ପ୍ରଭାବରେ ସେ ତତ୍କାଳିନ ରକ୍ଷଣଶୀଳ ସମାଜରେ ଦୀର୍ଘ ଏକଶହ ଚଉତିରିଶ ଛାନ୍ଦ ବିଶିଷ୍ଟ 'ପୂର୍ଣ୍ଣୋତମ ଚନ୍ଦ୍ରୋଦୟ' କାବ୍ୟ ରଚନା କରି ଯାଇଛନ୍ତି। ଏହି କବିଙ୍କର ଜନ୍ମ ଖୋର୍ଦ୍ଧା ନିକଟବର୍ତ୍ତୀ ମଳିପଡା ଗ୍ରାମରେ ହୋଇଥିଲା। ଏହି କାବ୍ୟରେ ନାରୀ କବି ଶୃଙ୍ଖଳା ଅଳଂକାରର ପ୍ରୟୋଗକରି ଶୈଳୀଗତ ଚମତ୍କାରିତା ପ୍ରଦର୍ଶନ କରିଥିଲେ। " କବି ବାରଣ ବାନା ଯାର, ଯାରଙ୍କ ଖେଳ ଏ ସଂସାର, ସାରସ କରେ ଯା ନିହତ, ହିତ ଯେ କରନ୍ତି ସମସ୍ତ- ମସ୍ତକେ ନାଚିଲେ ନାଗର, ନାଗର ଅଟନ୍ତି ଗୋପର—ପରମ ପୁରୁଷ ଆନନ୍ଦ, ନନ୍ଦ-ନନ୍ଦନ ଆଦିକନ୍ଦ"। ତାଙ୍କ ପୁତ୍ର ଶିଶୁ ଭୀମଦାସ 'ଭକ୍ତି ରତ୍ନାବଳୀ' ଏବଂ 'ହରିଭକ୍ତି ଚନ୍ଦ୍ରୋଦୟ' କାବ୍ୟ ରଚନା କରିଥିଲେ। ଭୀମଦାସଙ୍କ ପୁତ୍ର କୃପାସିନ୍ଧୁ ଦାସ "ସଖୀ ଚାତୁରୀ ଚଉତିଶା" ଏବଂ "ବ୍ରଜବିହାର" ରଚନା କରିଥିଲେ।

ଦୀର୍ଘ ସମୟ ବ୍ୟବଧାନ ପରେ ପୁନର୍ବାର ଏହି ମାଟିରେ ଆବିର୍ଭାବ ଘଟିଥିଲା ଗୋଦାବରୀଶ ମିଶ୍ରଙ୍କର ଯେକି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଏହି ମହାନ କାଳଜୟୀ କବିଙ୍କର ଜନ୍ମ ୧୮୮୬ ମସିହାରେ ଖୋରଧା ବାଣପୁର ନିକଟବର୍ତ୍ତି ଶ୍ରୀନିବାସପୁରରେ। ଯାହାଙ୍କ ବଳିଷ୍ଠ ଅବଦାନରେ ଓଡିଆ ସାହିତ୍ୟ ଆଜି ସମୃଦ୍ଧ। ତାଙ୍କ ସୃଷ୍ଟି ସଂପଦ ମଧ୍ୟରେ ଆଲେଖିକା, ଚୟନିକା, କିଶଳୟ ଇତ୍ୟାଦି କବିତା ଗୁଚ୍ଛ ଅନ୍ତର୍ଭୁକ୍ତ। ଏହା ବ୍ୟତିତ 'ମୁକୁନ୍ଦ ଦେବ' ଓ 'ପୁରୁଷୋତ୍ତମ'ଦୁଇଟି ଉପନ୍ୟାସ ଏବଂ ଅନେକ ଗଳ୍ପ ରଚନା ଯଥା 'ବଡପୁଅ, ପରବାସୀନ, ଦମ୍ପିଲାବନ୍ଧୁ, ସାତେପୁଅ, ପୋଲ ଉନ୍ମୋଚନ, ଡୋଳାକନ୍ୟା ଇତ୍ୟାଦି'। ସେହିଭଳି ଏ ସତୀର୍ଥ ମାଟିର ଆଉଜଣେ ନାରୀକବି କୁନ୍ତଳା କୁମାରୀ ସାବତ ଯେ କି ଖୋରଧା ସହରରେ ୧୯୦୧ ମସିହାରେ ଜନ୍ମଗ୍ରହଣ କରିଥିଲେ। କେବଳ ଓଡିଆ ଭାଷା ନୁହେଁ ଅନ୍ୟ ଭାଷାରେ ମଧ୍ୟ ସେ ବହୁ କବିତା ରଚନା କରିଛନ୍ତି। ତାଙ୍କ ରଚିତ 'ଉଲ୍ଲାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ପ୍ରେମ ଚିନ୍ତାମଣି, ଓଡିଆଙ୍କ କାନ୍ଦଣା ଇତ୍ୟାଦି କବିତା ଏବଂ ତିନୋଟି ଉପନ୍ୟାସ 'ଭ୍ରାନ୍ତି', 'ରଘୁ ଅରକ୍ଷିତ', ନଅତୁଣ୍ଡି' ଓଡିଆ ସାହିତ୍ୟକୁ ଅନବଦ୍ୟ ସୃଷ୍ଟି। ତାଙ୍କର 'ଶେଫାଳୀ ପ୍ରତି'କବିତାରେ କବୀଙ୍କ ନାରୀ ହୃଦୟର ଉଦ୍‌ବେଳନ, ବିଭୁପ୍ରୀତି ଓ ଆଶାବାଦର ଚିତ୍ର ଫୁଟିଉଠେ। ଖୋରଧାର ରୋମାଣ୍ଟିକ ଭାବ ଚେତନାର କବି ମାୟାଧର ମାନସିଂହ ମରାଳମାଳିନୀ ନୀଳାମ୍ବୁ ଚିଲିକା ପରିବେଷ୍ଟିତ ପାରିକୁଦଗଡରେ ୧୯୦୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ଅଖ୍ୟାତ ପଲ୍ଲୀରେ ଜନ୍ମଲାଭ କରି ମଧ୍ୟ ସେ ସୁଦୂର ଲଣ୍ଡନ ସହରରେ ଶିକ୍ଷାଲାଭ କରିବା ସୌଭାଗ୍ୟ ଲାଭ କରିଥିଲେ। ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ଏମ.ଏ. ପାଶ୍ କରି ଲଣ୍ଡନର ଡରହାମ୍ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ଉପରେ ପ୍ରବନ୍ଧ ରଚନା କରି ପି.ଏଚ.ଡି. ଲାଭ କରିଥିଲେ। ତାଙ୍କୁ ପ୍ରେମପ୍ରଣୟର କବିଭାବେ ଆଖ୍ୟାୟିତ କରାଯାଇଛି। ସେ ସମାଜରେ ଥିବା ମିଥ୍ୟାପ୍ରବଞ୍ଚନା ଓ ରୀତିନୀତିକୁ ସମାଲୋଚନା କରିଥିଲେ। ତାଙ୍କ କାବ୍ୟରେ ତରୁଣ ପ୍ରାଣର ଉଦ୍‌ବେଳନ ପ୍ରତିଫଳିତ। "ଧୂପ, ହେମଶସ୍ୟ, ଜେମା, ପୂଜାରିଣୀ, କୋଣାର୍କ, ଜନ୍ମାଷ୍ଟମୀ, ବାପୁତର୍ପଣ, ମାଟିବାଣୀ, ଜୀବନ ଚିତା, କୃଶ" ଇତ୍ୟାଦି ଉଚ୍ଚକୋଟୀର କବିତା ସାହିତ୍ୟାକାଶରେ ଗୋଟିଏ ଗୋଟିଏ ଉଜ୍ଜ୍ୱଳତମ ଜ୍ୟୋତିଷ୍କ। ଭାରତୀୟ ସାହିତ୍ୟ କ୍ଷେତ୍ରରେ ଉଚ୍ଚତମ ପୁରସ୍କାର ଜ୍ଞାନପୀଠ ଲାଭ କରିଥିବା ବରେଣ୍ୟ କବି ସଚ୍ଚିଦାନନ୍ଦ ରାଉତରାୟ ଏହି ଖୋରଧା ଭୂମିର ସନ୍ତାନ। ଖୋରଧାର ଗୁରୁଜଙ୍ଗ ଗ୍ରାମରେ ୧୯୧୬ ମସିହାରେ ଏହି ମହାନ ପ୍ରତିଭାଙ୍କର ଜନ୍ମ ହୋଇଥିଲା। ଆଧୁନିକତାର ପ୍ରବର୍ତ୍ତନର ପଥଦ୍ରଷ୍ଟା, ସାମ୍ୟବାଦୀ ବୈପ୍ଲବିକ ଚିନ୍ତାଧାରା ଏବଂ ପ୍ରଗତିବାଦୀ ଚେତନାର ଉଦ୍‌ଗାତାଭାବେ କବି ଚିରସ୍ମରଣୀୟ। ପାରମ୍ପରିକ ଛନ୍ଦ ଶୈଳୀରେ ଆମୂଳଚୂଳ ପରିବର୍ତ୍ତନ ଆଣି ମୁକ୍ତଗଦ୍ୟ ଛନ୍ଦ ସହ ବାକ୍ ରୀତି ଛନ୍ଦ ଏବଂ ମାତ୍ରା ବୃତ୍ତର ପ୍ରୟୋଗ ତାଙ୍କ କାବ୍ୟ ଶୈଳୀର ଉଲ୍ଲେଖନୀୟ ବୈଶିଷ୍ଟ୍ୟ। ଭାସ୍କର୍ଯ୍ୟର ମନୋରମ ଶିଳ୍ପଶ୍ରୀକୁ କବି ଯେଉଁ ନୂତନ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ତାହା ଅବଶ୍ୟ ଲକ୍ଷଣୀୟ: " ତୁମ୍ଭେ ଦେଖିଅଛ ଶିଳାରେ ଭାରତ-ରମ୍ୟକଳାର ରୂପ/ ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୁପ"। ନିଜର 'କବିତା ସଂଚୟନ ପାଣ୍ଡୁଲିପି ୧୯୪୬ ରେ ସେ ନିଜର ଯେଉଁ କାବ୍ୟିକ ପରିଚୟ ଦେଇଛନ୍ତି ତାହା ଅତ୍ୟନ୍ତ ଭାବଦ୍ୟୋତକ: "ମୁଁ ସଚ୍ଚିରାଉତରା ନୁହେଁ ଟାଗୋର ବା ସେଲୀ / କାମ ନୁହେଁ ମୋର ଖାଲି ଆଙ୍କିବା କାଗଜରେ ଛବି / ତୁମେ ଯେତେବେଳେ ଛୁଅଁ ମୋର ବହି / ଛୁଅଁ ଜଣେ ମଣିଷର ଛାତି"। ଶହିଦ୍ ବାଜିରାଉତର ଅପୂର୍ବ ବଳୀଦାନକୁ ଲକ୍ଷ୍ୟକରି ୧୯୪୧ ସେ ରଚନା କରିଥିଲେ 'ବାଜିରାଉତ'। ଏହି କବିତାକୁ ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା "Boat man Boy and Forty other Poems" ନାମରେ ଇଂରାଜୀରେ ଅନୁଦିତ ହୋଇ ସର୍ବଭାରତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। କବିଙ୍କର 'ଛୋଟମୋର ଗାଁଟି'ରେ କବି ନିଜ ଜନ୍ମମାଟିର ରୂପକୁ ନୂତନ ଭାବରେ ଚିତ୍ରଣ କରିଛନ୍ତି। ଓଡିଆ ସାହିତ୍ୟ ଜଗତର ଅନ୍ୟତମ ସମ୍ଭ୍ରାନ୍ତ ସାହିତ୍ୟ ପତ୍ର 'ଝଙ୍କାର' ର ପୂର୍ବତନ ସଂପାଦକ ସତ୍ୟାନନ୍ଦ ଚମ୍ପତିରାୟ ମଧ୍ୟ ଖୋରଧା ଭୂମିର ସନ୍ତାନ। ତାଙ୍କ ରଚିତ "ଶତମାର୍ଗୀ" , ଏବଂ ଅନେକ କବିତା ବେଦର ବିଶ୍ଳେଷଣ, ଜୟ ଜୟ ହନୁମାନ, ଶ୍ରୀ ରାମ ରହସ୍ୟ ଏବଂ ଅନେକ ଗୀତି କବିତା ରଚନା କରି ଉତ୍କଳର ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ଏକଧାରାରେ ସେ ଜଣେ ରାଜନେତା ଓ ସୁସାହିତ୍ୟିକ ମଧ୍ୟ। ସେହିଭଳି ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ସଂସ୍କୃତ ସାହିତ୍ୟରେ ଗଭୀର ଅନୁପ୍ରବେଶ ରଖିଥିବା ଜଣେ ସାହିତ୍ୟିକ। ରାଜନୀତିର ଘୁର୍ଣ୍ଣାବର୍ତ୍ତ ମଧ୍ୟରେ ତାଙ୍କର ସାହିତ୍ୟିକ ସତ୍ତାଟି ପ୍ରାୟତଃ ସୁପ୍ତ ନିମିଳିତ ଅବସ୍ଥାରେ ଥିଲେ ମଧ୍ୟ ଅବସର ସମୟରେ 'ଶ୍ରୀମଦ୍‌ଭାଗବତର ଗଦ୍ୟ ଅନୁବାଦ ଏବଂ ଭର୍ତ୍ତୃହରିଙ୍କ 'ନୀତିଶତକ' ଏବଂ 'ଶୃଙ୍ଗାର ଶତକ' ର ଓଡିଆ ଅନୁବାଦ କରି ସମସାମୟିକ ଓଡିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛନ୍ତି। ଖୋରଧାର କବି ଜନାର୍ଦ୍ଦନ ଦାସ ବା ଦନାଇ ଦାସ ତାଙ୍କର ସର୍ବଜନାଦୃତ ଲଳିତ କଳିତ କାନ୍ତ ପଦାବଳୀ- "ଗୋପୀ ଭାଷା"ରଚନା କରିଥିଲେ। ଇଂରେଜ ଶିକ୍ଷାର ପ୍ରସାର ପୂର୍ବରୁ ଏହା ଚାଟ ଛାତ୍ର ମାନଙ୍କର କଣ୍ଠ ଭୂଷଣ ହୋଇଥିଲା। ତାଙ୍କ ରଚନାରେ ପ୍ରଦଂଳୀ, କୟେବାର, କାଚତିଆ କୋୟର, ତୃଣା (ତୋରଣ), ଧଇର୍ଯ୍ୟ, ଅପକ୍ଷରୀ ବ୍ରିଖଭାନୁ, ପହୁରାଣ, ଭୟେଣୀ, ବୃନ୍ଦବରେଣ, ପାଶେଣ, ଆମ୍ଭନ୍ତ, ସବୁନ୍ତି, କେଉଣି ଯମୁନା , ହାଟରେ ନିକି (ହାଟକୁ ) ହୋଇ, ଯାବନ୍ତି ପ୍ରଭୃତି ପ୍ରାଚୀନ ପ୍ରୟୋଗ ଦୃଷ୍ଟି ଗୋଚର ହୁଏ। 'ପାଇକ ଖେଦା' ରଚୟିତା ପାଇକ ବର କହ୍ନେଇ ଚମ୍ପତିରାୟ, "ଖୋରଧା ଦର୍ପଣ", ଲେଖକ ଦିଗମ୍ବର ଶ୍ରୀଚନ୍ଦନ ବେଳେ ବେଳେ ମନେପଡିଥାନ୍ତି। ନାରଗଦା ନିବାସୀ ତତ୍କାଳୀନ ଅମଲା ଦିଗମ୍ବର ଶ୍ରୀଚନ୍ଦନ ଥିଲେ ଖୋରଧା ହାଇ ଇଂରାଜୀ ସ୍କୁଲ ପ୍ରତିଷ୍ଠାର ଆଦ୍ୟ ଆବାହକ। 'ଫିରିଙ୍ଗି କଳି ଭାରତ' ର ଲେଖକ ସାନପୁଟ ନିବାସୀ ବିପ୍ର ମଧୁସୂଦନ, କରମଳା ଆନନ୍ଦଧାମ ଆଶ୍ରମର ପ୍ରତିଷ୍ଠାତା ସନ୍ଥ କବି ଅଭିରାମ ପରମହଂସ , କବି କୃଷ୍ଣମୋହନ ପଟ୍ଟନାୟକ, କବି ଗୋକୁଳାନନ୍ଦ ପଟ୍ଟନାୟକ 'ଜାନକୀ ବିଳାସ'ର ରଚୟିତା, ନାଟ୍ୟକାର ପର୍ଶୁରାମ ହରିଚନ୍ଦନ, ବାଜପୁର ନିବାସୀ 'ନବଜୀବନର' ପ୍ରତିଷ୍ଠାତା ସମ୍ପାଦକ ଚିନ୍ତାମଣି ମିଶ୍ର, ଅଧ୍ୟାପକ ଉପେନ୍ଦ୍ର ମିଶ୍ର ପ୍ରଭୃତି ଅନେକ ପାଲା, ସଂକୀର୍ତ୍ତନ, ଅଷ୍ଟପ୍ରହରୀ, ଅପେରା , ବିଭିନ୍ନ ଯାତ୍ରା ମାଧ୍ୟମରେ ଖୋରଧାର ସାଂସ୍କୃତିକ ତଥା ସାହିତ୍ୟିକ ପରମ୍ପରାକୁ ସମୃଦ୍ଧ ଓ ପରିପୁଷ୍ଟ କରିଆସିଛନ୍ତି। ଏହି ପରିପ୍ରେକ୍ଷୀରେ "ଗୋ ଚିକିତ୍ସା", 'ଗୋମାତା'ଓ 'ସାର୍ଥକ' ଭଜନମାଳା ଲେଖକ କଦଳୀବାଡୀ ବାସୀ ଦୁର୍ଯ୍ୟୋଧନ ଶ୍ରୀଚନ୍ଦନ, 'ବରୁଣାଇ ଜଣାଣ' ର ଲେଖକ ଦ୍ୱୟ ଲିଙ୍ଗରାଜ ପ୍ରଧାନ ଓ ଭ୍ରମରବର ସାମନ୍ତରାୟ, ' କରବାଳ-କରତାଳ-ହରତାଳ ର ଲେଖକ ନରୋତ୍ତମ ଶ୍ରୀଚନ୍ଦନ ମଧ୍ୟ ପ୍ରାତଃ ସ୍ମରଣୀୟ। ଓଡିଶା ତଥା ଖୋରଧା ସ୍ୱାଭିମାନର ସାଂସ୍କୃତିକ-ସାରସ୍ୱତ ପରମ୍ପରା ନିରବିଚ୍ଛିନ ବଜାୟ ରଖିବା ଆଜିର ଯୁବପିଢୀ ମାନଙ୍କର ଆହ୍ୱାନ ହେବା ଦରକାର। ହେ ମୋର ଖୋରଧାର ନାଲିମାଟିର ସିଂହ ସନ୍ତାନ ମାନେ ବୀର ଦର୍ପରେ ଜାଗି ଉଠି ନିଜ ମା ମାଟିର ସାହିତ୍ୟ, ଭାଷା, ସଂସ୍କୃତି, ତଥା ମାତୃଭାଷାକୁ ବିଶ୍ୱଦରବାରରେ ପହଂଚାଇବା ସମସ୍ତଙ୍କର ଧ୍ୟେୟ ହେଉ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୫

## ରାଜା ଯଯାତି: ପାଣ୍ଡବ ଓ କୌରବଙ୍କ ପୂର୍ବପୁରୁଷ-୩



ରାଜା ଯଯାତି ଓ ଦେବଜାନୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେଲା। ପୂର୍ବ ସର୍ତ୍ତ ଅନୁସାରେ, ଶର୍ମିଷ୍ଠା ଦାସୀ ଭାବେ ଦେବଜାନୀଙ୍କ ସହ ଶ୍ୱଶୁର ଘରକୁ ଗଲେ।

ବେଶ୍ କିଛିକାଳ ବୈବାହିକ ଜୀବନ ବିତେଇଲେ ଦେବଜାନୀ, ସମୟ ଖୁବ୍ ଭଲରେ ବିତୁଥିଲା।

ହଠାତ୍ ଦିନେ ଶର୍ମିଷ୍ଠା ଗୋପନରେ ଭେଟିଲେ ଯଯାତିଙ୍କୁ। ଅନୁରୋଧ କଲେ ବିବାହ ହେବାକୁ। ଏବଂ ଗୋପନରେ ଉଭୟଙ୍କ ବିବାହ ହୋଇଗଲା।

କୌଣସି ଗୋପନ କଥା ଚିରଦିନ ଗୋପନ ହୋଇ ରହିପାରେନା। ଦେବଜାନୀ ଜାଣିପାରିଲେ। ଯଯାତିଙ୍କ ଉପରେ ରାଗିଲେ। ପ୍ରତିକାର ପାଇଁ ପିତା ଶୁକ୍ରାଚାର୍ଯ୍ୟଙ୍କୁ ବିନତି କଲେ।

ଶୁକ୍ରାଚାର୍ଯ୍ୟଙ୍କର ମନେଥିଲା, ଯଯାତି ତାଙ୍କ ଝିଅର ଜୀବନ ବଞ୍ଚେଇଥିଲେ। ତେଣୁ କଠୋର ଦଣ୍ଡ ଦେଲେନାହିଁ। ଯଯାତି ଅକାଳ ବାର୍ଦ୍ଧକ୍ୟ ଭୋଗନ୍ତୁ - ସେ ଅଭିଶାପ ଦେଲେ। ଯଯାତିଙ୍କର ଅନୁରୋଧ ଶୁଣି ଦଣ୍ଡ କୋହଳ କଲେ। ଯେ, କେହି ଯଦି ସ୍ୱେଚ୍ଛାରେ ତାଙ୍କର ବାର୍ଦ୍ଧକ୍ୟ ନେବାକୁ ଚାହାଁନ୍ତି ତେବେ ବଦଳରେ ସେ ତାଙ୍କର ଯୌବନ ପ୍ରାପ୍ତ ହେବେ।

ବର୍ତ୍ତମାନ ଯଯାତି ବୃଦ୍ଧ। ଅକାଳ ବାର୍ଦ୍ଧକ୍ୟ ଦଣ୍ଡ ଭୋଗୁଛନ୍ତି। କିନ୍ତୁ ଯୌବନାବସ୍ଥା ଭୋଗାଭୋଗରୁ ମନ ତାଙ୍କର ତୃପ୍ତିନଥାଏ। କେମିତି ଯୌବନ ଫେରିପାଇବେ!

ଯଯାତିଙ୍କର ପାଞ୍ଚପୁଅ।

ବଡ ପୁଅକୁ ଯଯାତି କହିଲେ - ମୋର ବାର୍ଦ୍ଧକ୍ୟ ନିଅ। ବଦଳରେ ତୁମେ ରାଜ୍ୟର ରାଜାହେବ।

ବଡପୁଅ କହିଲା - ହେ ମହାନ୍ ରାଜା! ମୁଁ ଅସମୟରେ ବାର୍ଦ୍ଧକ୍ୟ ପାଇଲେ, ପ୍ରଜା କର୍ମଚାରୀ ଓ ମହିଳାକୁଳ ମୋତେ ଥଟ୍ଟା କରିବେ। ମୁଁ ପାରିବି ନାହିଁ ବରଂ ମୋର ସାନଭାଇମାନଙ୍କୁ କୁହନ୍ତୁ।

ତା' ତଳ ଦୁଇପୁଅଙ୍କୁ ଯଯାତି କହିଲେ।

ସମାନ ଉତ୍ତର ସେମାନଙ୍କଠୁ ମିଳିଲା।

ବାକି ରହିଲା ସବାସାନ ପୁଅ ପୁରୁ।

ପୁରୁକୁ କହିଲେ ଯଯାତି।

ପୁରୁ କହିଲେ - ମୁଁ ଆନନ୍ଦରେ ତୁମର ବାର୍ଦ୍ଧକ୍ୟ ଗ୍ରହଣ କରୁଛି ଓ ମୋର ଯୌବନ ତୁମକୁ ଦେଉଛି। ତୁମେ ଦୁଃଖ ପରିହାର କର।

ପୁଅ ପୁରୁକୁ ଆଲିଙ୍ଗନ କଲେ। ଯଯାତି ତାଙ୍କୁ ସ୍ପର୍ଶ କରିବା ମାତ୍ରେ ସେ ପୁଅର ଯୌବନ ପ୍ରାପ୍ତହେଲେ। ଏବଂ ପୁରୁ, ଯଯାତିଙ୍କର ବାର୍ଦ୍ଧକ୍ୟକୁ ଦେହକୁ ନେଲେ।

ବୃଦ୍ଧ ପୁରୁ ରାଜା ହୋଇ ଶାସନ କାର୍ଯ୍ୟ ସମ୍ଭାଳିଲେ ଓ ଜଣେ ଯୋଗ୍ୟ ରାଜା ଭାବେ ଖ୍ୟାତି ଅର୍ଜନ କଲେ।

କୁହାଯାଏ ଯଯାତି, କୁବେରଙ୍କ ବଗିଚାକୁ ଚାଲିଗଲେ ଓ ଜଣେ ଅପସରା ସହିତ ବହୁବର୍ଷ ବିତେଇଲେ।

ଦିନେ ଫେରିଆସିଲେ ଯଯାତି।

ପୁଅ ପୁରୁଙ୍କୁ କହିଲେ - ଏବେ ମୋର ଜ୍ଞାନୋଦୟ ହେଲା କି କାମବାସନା ଚରିତାର୍ଥ ଦ୍ୱାରା କାମବାସନାକୁ ଜୟ କରିହୁଏନା। ବରଂ ତା'ର ବୃଦ୍ଧିର କାରଣ ହୁଏ।

ସେ ପୁଅକୁ ତା'ର ଯୌବନ ଫେରସ୍ତ ଦେଇ ଅରଣ୍ୟକୁ ଚାଲିଗଲେ।

ରାଜା ପୁରୁ, ପାଣ୍ଡବ ଓ କୌରବଙ୍କ ପୂର୍ବପୁରୁଷ ଏବଂ ଯଯାତିଙ୍କ ବଡପୁଅ ଯଦୁ, ଶ୍ରୀକୃଷ୍ଣ ଓ ବଳରାମଙ୍କ ପୂର୍ବପୁରୁଷ।

(କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ଆ ଲୋ ମୋର ସୁନା ଚଢ଼େଇ

### ସୁରମା ମିଶ୍ର



ଆ ଲୋ ମୋର ସୁନା ଚଢ଼େଇ
ରୂପା ପଞ୍ଜୁରୀରେ ରଖିବି ନେଇ
ଅତି ସରାଗରେ ରଖିଛି ତୋଳି
ତୋ ପାଇଁ ଲୋ ମୁଁ ଅଙ୍ଗୁରକୋଳି

ପାଟ ସୂତାରେ ମୁଁ ଦୋଳି ବାନ୍ଧିବି
ଦୋଳିରେ ବସାଇ ଝୁଲାଇ ଦେବି
ବୁଢ଼ୀ ଅସୁରୁଣୀ ଗପ ମୁଁ କହି
ନାନା ବାୟା ଗୀତ ଦେବି ଶୁଣାଇ

ଆସିଛି ପରା ଲୋ ନୂଆ ବରଷ
ସଭିଙ୍କ ମୁଖରେ ଫୁଟୁଛି ହସ
ତୁ କିଆଁ ବସିଛୁ ମୁହଁ ଶୁଖାଇ
ଆ ମୋ କୋଳକୁ ଆ ଲୋ ତୁହି

ଆକାଶରେ ଜହ୍ନ ମାମୁଁ ଦେଖାଇ
କୋଳେ ବସାଇ ମୁଁ ଦେବି ଖୁଆଇ
ତତେ ସଙ୍ଗେ ନେଇ ବଜାର ଯିବି
ତୋ ପାଇଁ ଖେଳନା କିଣି ଆଣିବି

ସାଙ୍ଗ ସାଥିଙ୍କୁ ଲୋ କରିବା ମେଳ
ତୋର ମୋର ଖେଳିବା ଖେଳ
ଖେଳୁ ଖେଳୁ ବେଳ ଯିବ ଲୋ ଗଡି
ଚାହୁଁ ଚାହୁଁ ସଂଜ ଆସିବ ମାଡ଼ି

ଚଉରା ମୂଳରେ ସଂଜ ବତିଟି
ମାଆ ଆସି ଜାଳି ଦେଇ ଯିବଟି
ବାପା ଡାକ ଦେବେ ଆ ଲୋ ଆ
ଅନ୍ଧାର ହେଲାଣି ପଢ଼ିବୁ ଯାଆ

ଆଜି ପାଠ ଆଜି ସାର ଲୋ ସାର
ନୋହିଲେ ଖାଇବୁ ଛାଟ ପାହାର
ବାପାଙ୍କ କଥା ମନକୁ ପାଇଲା
ମନ ଦେଇ ମୁନି ପାଠ ପଢିଲା

ଖୁସି ହୋଇ ବାପା କହିଲେ ଧନ
ପାଠ ପଢ଼ାରେ ତୁ ଦିଅ ଲୋ ମନ
ଦିନେ ନା ଦିନେ ତୁ ଉଠିବୁ ଉଚ୍ଚେ
ପରିଶ୍ରମ ଫଳ ପାଇବୁ ନିଶ୍ଚେ ।

ବି -ଏଲ-୩୯, ଭିଏସ୍ଏସ୍
ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫



# ନୂଆ ବରଷ

### ଧ୍ରୁବ ଚରଣ ଘିବେଲା

ନୂଆ ବରଷ ହୋଇ ହରଷ
ସେ ଆସିଯାଇଅଛି
ଶୀତ କାକରେ ରାତି ଅଧରେ
ପାଦ ଥାପି ସାରିଛି
ନୂଆବର୍ଷର ସ୍ୱାଗତ ପାଇଁ
କେତେ ଯେ ଥିଲେ ଚେଇଁ
କିଏ ଯେ ମଠ ମନ୍ଦିରେ ଥିଲେ
ଉପାସନାରେ ରହି
ନୂଆ ଭାବନା ନୂଆ ଚେତନା
ନୂଆ ସପନ ବୁଣି
ନୂଆ ଭାବରେ ନୂଆ ଢଙ୍ଗରେ
ନୂଆ ଆସିଛି ପୁଣି
ନୂଆ ବରଷ ନୂଆ ପରଶ
ପରଷି ଦେବ ନିଶ୍ଚେ
ତାର ପରଶେ ଅତି ହରଷେ
ଚଳଚଞ୍ଚଳ ସର୍ବେ
ନୂଆ ବରଷ ବରଷି ଦେଏ
ଆଶା ଆଶିଷ ବାରି
ନୂଆ ବର୍ଷର ଆଶୀର୍ବାଦରେ
ହେବେ ବରଷ ପାରି
ନୂଆ ବରଷ ନୂଆ ଅତିଥି
ବର୍ଷକ ବାର ମାସ
ସ୍ନେହ ମମତା ସମ୍ପର୍କ ଭାଷା
ବାରତା ନୂଆ ଆଶ
ନୂଆ ବରଷ ପଚିଶି ରାଜା
ଏ ଧରା ଧରଣୀର
ତୁମ ରାଜତ୍ୱେ ସର୍ବ ମଙ୍ଗଳ
ହେଉ ଧରା ସୁନ୍ଦର
ନୂଆ ବରଷ ନୂଆ ସକାଳ
ନୂଆ ସୂରୁଯ ଉଇଁ
ବୁଣି ସୁନେଲି ସୁବର୍ଣ୍ଣ ଆଭା
ସୁନ୍ଦର ଦିଶୁଥାଇ
ନୂଆ ବରଷ ଢାଳି ଆଶିଷ
ରହି ମଙ୍ଗଳମୟ
କାମରେ ଲୟ କାମରେ ଥୟ
ସଭିଙ୍କ ହେଉ ଜୟ ।

ବଉଦରାଜ, ଜି- ବୌଦ୍ଧ
ମୋ-୯୪୩୭୪୭୮୪୬୬

# ନୂଆ ବରଷର ଆଗମନେ

### ମିନାକ୍ଷୀ ଦ୍ୱିବେଦୀ



ଆସ ଆସ ଭାଇ ନୂଆ ବରଷ
ହସଖୁସି ଭାର ନେଇ
ରାତି ବାରଟାରୁ ଦୁଆର ଖୋଲିକି
ବସିଅଛୁ ବାଟ ଚାହିଁ
ଶୁଭ ହୁଳହୁଳି ଦେଇ
ନାଚଗୀତ କରି ସ୍ୱାଗତ କରୁଛୁ
ହାତେ ଫୁଲତୋଡ଼ା ନେଇ

ନୂଆ ବରଷ ଗୋ ନୂଆ ବରଷ
ଫୁଲ ପାଲିଙ୍କିରେ ଆସ
ପାଟ ରୋଷଣୀରେ ଝଳି ଝଳି ତୁମେ
ଆମ ସାଥେ ମିତ ବସ
ଦେଖ ଦେଖ ତୁମେ ଭାଇ
ନବ ରୂପ କାନ୍ତି ଧାରଣ କରିଛି
ହସୁଅଛି ମାତା ମହୀ

ପୁରୁଣା ବରଷ ଛାଡି ଚାଲିଗଲା
କେତେ ସ୍ମୃତି ସ୍ୱପ୍ନ ଦେଇ
ତୁମେ ଆସିଗଲେ ପୋଛି ଦେବ ଲୁହ
ମୁଖେ ହସ ଭରି ଦେଇ
ତୁମରି ପଥକୁ ଚାହିଁ
ହିଂସା, ଦ୍ୱେଷ, ରାଗ ଦୂରେଇ ନବ ଯେ
ଏକତାର ବାର୍ତ୍ତା ଦେଇ

ଶୀତ ଭାଇ ଆସି ବଜାଇଲା ଶଙ୍ଖ
ତୁମେ ଗୋ ଆସିବ ବୋଲି
କାକର ବିନ୍ଦୁରେ ଢଳ ଢଳ ଛବି
ମନ ନାଚୁଅଛି ଖାଲି
ଆସିଗଲା ଶୁଭବେଳ
ପ୍ରୀତିର ପୁଲକେ ଶିହରିତ ଧରା
କରିବ ତୁମକୁ ଗେଲ

କେତେ ବଣଭୋଜି କେତେ ସଜବାଜ
ଫଟୋସୁଟ୍ ସେଲ୍ଫି
ମନେ ଖେଳିଯାଏ ଖୁସିର ଲହର
ମାଇଣ୍ଡ ହୋଇଯାଏ ଫ୍ରି
ସ୍ୱାଗତ ହେ ନୂଆ ଭାଇ
ଲକ୍ଷେ ସପନକୁ ଫୁଲରେ ଝୁଲାଇ
ଦୁଃଖ, ଶୋକ ଯାଉ ଧୋଇ

ବିଶୁଦ୍ଧ ଭାବନା, ନିଃସ୍ୱାର୍ଥ କାମନା
ନୂଆ ପ୍ରତିଜ୍ଞାକୁ ନେଇ
ଦୁଃଖ, ଅପମାନ କାହାକୁ ନଦେବୁ
ଶପଥ କରୁଛୁ ଭାଇ
ବାନ୍ଧି ସ୍ନେହଶ୍ରଦ୍ଧା ଡୋରି
ପୂର୍ବ ଭେଦଭାବ ଭୁଲିଯିବା ଆମେ
ବଜାଇ ଖୁସିର ତୂରୀ ।

ଗୁରୁଗ୍ରାମ
ମୋ- ୭୯୭୮୦୮୨୮୩୪

# ନୂଆଁ ସକାଳ

### ରାମଚନ୍ଦ୍ର ପ୍ରଧାନ

ନୂଆଁ ବରଷର ନୂଆଁ ସକାଳକୁ
କରିବା ସ୍ୱାଗତ ଆସ
ରାଗ ହିଂସା ଭୁଲି ଫୁଟାଇବା ଆମେ
ସବୁରି ମୁହଁରେ ହସ
ମାନ ଅଭିମାନ ରାଗ ରୁଷା ଭୁଲି
ସଭିଙ୍କୁ କରିବା ସ୍ନେହ
ଗର୍ବ ଅହଂକାର କଟୁ ଭାଷା ଛାଡି
ପୋଛିବା ଦୁଃଖୀଙ୍କ ଲୁହ
ନାଚିବା ଗାଇବା ହସିବା ଝୁମିବା
ଭୁଲି ସବୁ ପଛ ଦିନ
ଘୃଣାକୁ ଆଡ଼େଇ ମିଠା କଥା କହି
ଜିଣିବା ସଭିଙ୍କ ମନ
ସତ୍ୟର ପଥରେ ଅନୁଗାମୀ ହୋଇ
ମିଛକୁ ଦେବା ଆହୁତି
ସ୍ୱାର୍ଥପରତାକୁ ଜାଳି ପୋଡି ଦେଇ
ବୋଳିବା ଭାବ ପିରତି
ନୂଆଁ ବରଷରେ ନୂଆଁ ଆଶା ନେଇ
ଗଢିବା ସୁନା ଭାରତ
ବିଭୁଙ୍କ ଆଶିଷେ ହସଫୁଲ ଫୁଟି
ଝଲସିବ ଏ ଜଗତ
ସଭିଙ୍କୁ ସରାଗେ ପ୍ରେମସ୍ପର୍ଶ ଦେଇ
କରିବା ଯେ ଆଲିଙ୍ଗନ
ପ୍ରୀତି ଫୁଲ ବାଣ୍ଟି ଜଣାଇବା ଆସ
ନୂତନ ଅଭିନନ୍ଦନ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ-୯୮୬୧୬୩୮୭୩୬



# ନୂଆ ବରଷ ଶପଥ ନେଉ

### ଦୀନବନ୍ଧୁ ପୋଇ

ନୂଆ ବରଷରେ ନୂଆ ବରଷ
ଆସିଲେ ତୁ ଆଣୁ କେତେ ହରଷ
କେତେ ନୂଆ ଆଶା ଚେତନା ଦେଉ
ସଫଳ ହେବାକୁ ଶପଥ ନେଉ
ସ୍ୱାଗତ ଶୁଭେଚ୍ଛା ଆମେ ଜଣାଉ
ଏସନ ସାଲଟି ଖୁସିରେ ଯାଉ
ପିଲା ଠାରୁ ବୁଢ଼ା ସଭିଁଏ ଖୁସି
ଭୋଜିଭାତ କରୁ ଏକାଠି ମିଶି,
ମନେ ରାଗ ରୁଷା ଦେଇ ତୁଟେଇ
ନାଚି ଗାଇ ଦିନ ଦେଉ କଟାଇ
ବିଗତ ଘଟଣା ମନେ ପକାଇ
ଦେବୁ ଯାହା ଭଲ କାମେ ଲଗାଇ
ଆମ ପରିବେଶ ସଫା ରଖିବୁ
ମିଶି ସାଙ୍ଗ ସାଥି ଶପଥ ନେବୁ
ରୋଗ ବଇରାଗ ଦେବା ଦୂରାଇ
ସ୍ୱଚ୍ଛ ପରିବେଶ ରଖିଲେ ଯାଇ
ବାଟ ପାଖେ ପାଖେ ରୋଇବା ଗଛ
ତେବେ ପରିବେଶ ହୋଇବ ସ୍ୱଚ୍ଛ
ବଢିବନି ଆଉ ଧରାରେ ତାପ
ପ୍ରତି ଜନ୍ମଦିନେ ରୋପ ପାଦପ
ଜରି ପଲିଥିନ୍ ଅଟେ ଅହିତ
ବ୍ୟବହାର ପାଇଁ ନୁହେଁ ଉଚିତ
ଆସ ମିଳିମିଶି ଶପଥ ନେବା
ଆମର ଯା'ହିତ ତାହା କରିବା ।

ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ଦୂରଭାଷ- ୯୯୩୮୮୦୨୪୧୨

# ଆସିଛି ଇଂରାଜୀ ନବ ବରଷ

### ସନ୍ତୋଷ କୁମାର ଅଦାବର

ଆସିଛି ଇଂରାଜୀ ନବ ବରଷ
ସଭିଙ୍କ ମନରେ କେତେ ହରଷ
ବିଦାୟ ଦୁଇ ହଜାର ଚବିଶ
ସ୍ୱାଗତ ଦୁଇ ହଜାର ପଚିଶ
ଚବିଶ କ୍ୟାଲେଣ୍ଡର ହେଲା ଶେଷ
ପଚିଶ କ୍ୟାଲେଣ୍ଡର ନେଇ ଆସ
ଗତ ବରଷର କାନ୍ଦ ଓ ହସ
ସ୍ମୃତି ହୋଇ ରହିଯିବ ଅବଶ୍ୟ
ଧରା ଉପବନେ ନବ ବରଷ
ବିତରଣ କରୁ ସୁଖ ସୁବାସ
ସର୍ବ ହୃଦେ ମିତ୍ରତା କରୁ ବାସ
ମିଳୁ ସଭିଙ୍କୁ ସମୃଦ୍ଧିର ସ୍ପର୍ଶ
ସ୍ୱାସ୍ଥ୍ୟ ରହୁ ସଦା ସୁସ୍ଥ ସରସ
ବର୍ଷୁଥାଉ ସ୍ନେହ ପ୍ରେମ ଅଶେଷ
ହେ ବିଭୁ ସଭିଙ୍କୁ ଦିଅ ଆଶିଷ
ନ ରହୁ କାହାଠାରେ ଦୁଃଖ କ୍ଲେଶ ।

ବୀରମହାରାଜପୁର, ସୁବର୍ଣ୍ଣପୁର

# ଆସରେ ଶପଥ ନେବା

### ନଳିନୀ ଦାଶ

ଟୁନା କୁନା ମୁନା ଟୁକୁନା ବାବୁନା
ଆସରେ ଶପଥ ନେବା
ନୂଆ ବରଷରେ ମନ ହରଷରେ
କାମେ ମନ ଲଗାଇବା
ଦେଶ ଜାତି ପାଇଁ ଭଲ କାମ କରି
ଆଗକୁ ଆମେ ବଢିବା
ପଡିଆ ଭୂଇଁରେ ଚାରା ପୋତି ଦେଇ
ସବୁଜ ଧରା ଗଢ଼ିବା
ସବୁରି ମନରୁ ଦୁଃଖ ଦୂରକରି
ହସ ଖୁସି ଭରିଦେବା
ଅନାଥ ପିଲାଙ୍କ ଆଖିର ଲୁହକୁ
ଆମ ହାତେ ପୋଛି ଦେବା
ଦୁଃଖୀ ଗରିବଙ୍କୁ ନିରାଶ ନକରି
ଅଭାବେ ସାହା ହୋଇବା
ବୁଢ଼ା ବୁଢ଼ୀଙ୍କର ହେବା ଆଶାବାଡି
ଓଠେ ହସ ଫୁଟାଇବା
ମିଳିମିଶି ଆମେ ହାତ ମେଳେଇବା
ଗାଁର ଉନ୍ନତି କରିବା
ଧନ ଅରଜନ କରି ସହଯୋଗ
ମନବୃତ୍ତି ରଖିଥିବା
ଅନ୍ୟାୟକୁ ରୋକି ନିଶା ମୁକ୍ତକରି
କାମେ ପରାଣ ଢାଳିବା
ପରିବେଶ ପ୍ରତି ସଚେତନ ହୋଇ
ସଫା ସୁତୁରା ରଖିବା
ଦେଶକୁ ସୁରକ୍ଷା କରିବା ପାଇଁକି
ସୈନିକଟିଏ ହୋଇବା
ଦେଶର ଉନ୍ନତି ମଙ୍ଗଳ ସାଧନେ
ସନ୍ତ୍ରାସବାଦୀଙ୍କୁ ତଡ଼ିବା ।

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ଦୂରଭାଷ-୯୨୩୮୯୯୬୬୪୯



# ନୂଆ ବରଷର ନୂଆ ସପନ

### ପ୍ରଶାନ୍ତ କୁମାର ଦାଶ



ପୁରୁଣା ବରଷ ଫେରିତ ଗଲାଣି
ଆସିଛି ବରଷ ନୂଆ
ନୂଆ ବରଷରେ କରିବା ଶପଥ
ଆମେ ଯେତେ ପିଲା ଛୁଆ

ନୂଆ ଆଶା ସବୁ ସଞ୍ଚିବା ମନରେ
ଦେଖିବା ସପନ ସୁନା
ଖଟାଇ ଆମର କଳ କଉଶଳ
ଦୁଃଖକୁ କରିବା ଚୁନା

ଭଲପାଠ ପଢି କରିଯିବା କାମ
ଦେଶ ରାଇଜର ହିତେ
ଲୁହକୁ ଲିଭାଇ ଓଠେ ହସ ଦେଇ
ପୁଲକ ଭରିବା ଚିତ୍ତେ

ଆସିଅଛି ଏଇ ନୂଆ ବରଷଟା
ସୁଖର ପସରା ଧରି
ଦେବ ହସ ଖୁସୀ ଦୁଃଖ କାଢିନେବ
ଅଜଣା ଅତିଥି ପରି

ଫୁଟିଲେଣି କେତେ ଜାତି ଜାତି ଫୁଲ
ଦେହରେ ମହକ ମାଖି
ପକ୍ଷୀ ଗାଇଲେଣି ମିଠାମିଠା ଗୀତ
ସଜଫୁଟା ଫୁଲ ଦେଖି

କୁହୁଡି କାକର କାଲୁଆ ବାଆକୁ
ଟିକିଏ ତ ନାହିଁ ଡର
ଶୀତରେ ଥରିବି ବଣଭୋଜି ମଜା
କରିବୁ ବହୁତଥର

ଡର ଭୟ ଛାଡ଼ି ଆମେତ କରିବୁ
ଦେଶ ଜାତି ହିତ କାମ
କରିବୁ ସୁନ୍ଦର ଗାଆଁ ସହରକୁ
ଶାନ୍ତିର ସରଗଧାମ ।

କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ
ମୋ-୯୬୬୮୮୨୨୧୯୦

# ଆସିଅଛି ନୂଆ ବରଷ

### ଜୟନ୍ତ କୁମାର ମଲ୍ଲିକ



ଆସିଅଛି ନୂଆ ବରଷ
ଦେଖିବା ପାଇଁ ପ୍ରୀତି ପରଶ
ଖେଳିଯାଏ ଖୁସି ସୁବାସ
ଶୁଭେ ଶୁଭେଚ୍ଛାର ସୁଭାଷ
ପୁରୁଣା ଦିନକୁ ଭୁଲିବା
ବଣଭୋଜି ପାଇଁ ବୁଲିବା
ସାଙ୍ଗସାଥି ମେଳେ ବସିବା
ପ୍ରାଣ ଖୋଲି ଆମେ ହସିବା
ଭୋଜିଭାତ କରି ଖାଇବା
ଆନନ୍ଦରେ ଗୀତ ଗାଇବା
ଅନ୍ୟର କଷଣ ହରିବା
ଭଲକାମ ଆମେ କରିବା
ପ୍ରଭୁ ପାଦେ ନେବା ଶରଣ
ନହେବ ଅକାଳ ମରଣ
ନୂଆ ଭାବ ଭରି ଅନ୍ତରେ
ହୋଇବା ସୌଭାଗ୍ୟବନ୍ତରେ ।

ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭

# ନୂତନ ବର୍ଷର ଅଭିନନ୍ଦନ

### ନିରଞ୍ଜନ ସାହୁ

ପୁରୁଣା ବରଷ ଗଲା ସରି
ନୂଆ ବର୍ଷ ଆସେ ଥିରିଥିରି
ପୁରୁଣା ବର୍ଷର ତୁଟେ ଶିରୀ
ନୂଆ ବର୍ଷ ହସେ କିରିକିରି
ଅଭିନନ୍ଦନର ବିଜ୍ଞାପନ
ଶୁଭେଚ୍ଛା ଜଣାନ୍ତି ସର୍ବ ଜନ
ଖୁସି ଥାଏ ସଭିଙ୍କର ମନ
ତୋରଣ ହୁଅଇ ଦୃଶ୍ୟମାନ
ନୂଆବର୍ଷ ହେଲା ଉପଗତ
ଚାରିଆଡେ ଚାଲେ ଭୋଜିଭାତ
ସ୍ଥାନେ ସ୍ଥାନେ ପୁଣି ନାଚଗୀତ
ପରିଭ୍ରମଣରେ ଯାତାୟତ
ନୂତନ ବରଷ ସ୍ୱାଗତମ
ସୁନ୍ଦର ପଣରେ ଅନୁପମ
ହୁଅ ଆମ ପାଇଁ ମନୋରମ
କେହି ନ ହୁଅନ୍ତୁ ତୁମ ସମ
ଆମରି କଥା ତ ତୁମେ ଜାଣ
ତୁମକୁ ରହିଲା ମୋର ରାଣ
ସଭିଙ୍କ ମନକୁ କର ଟାଣ
ନୂଆ ଚିନ୍ତାଧାରା ତୁମେ ଆଣ
ଆସ ଆସ ସବୁ ସାଙ୍ଗସାଥି
ଭୋଜିଭାତେ ଆମେ ଯିବା ମାତି
ନୂଆ ବରଷର ଜୟଗୀତି
ଗାଇବା ନାଚିବା ଦିନରାତି ।

ନିହଳପ୍ରସାଦ,ଗଁଡିଆପାଟଣା,ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩

# ବିଦାୟ ଚବିଶି..

### ଗୋପୀନାଥ ଦାଶ

ପୁରୁଣା ପତର ଝଡ଼ିଯାଏ ପୁଣି
ନୂଆଁ ପତର କଅଁଳେ
ପରିବର୍ତ୍ତନ ସଂସାର ନିୟମ
କଥାଟି ଜାଣିବ ପିଲେ
ଦୁଇ ହଜାର ଚବିଶ ସଙ୍ଗେ ଥିଲେ ଆମେ
ବାର ବରଷ ମିଶି
କେତେ ଦୁଃଖ ସୁଖ ବାର୍ତ୍ତା ଓ ଆଳାପ
କରୁଥିଲେ ହସ ଖୁସି
କେତେ ନୂଆଁ କଥା ଶିଖାଇଲା ବର୍ଷ
ସଫଳତା କେତେ ଦେଲା
କେତେ ଯେ ସ୍ମୃତି କେତେ ଅନୁଭୂତି
କେତେ ଶିକ୍ଷା ଯେ ମିଳିଲା
ଅତୀତକୁ ଜାଣି ବର୍ତ୍ତମାନ ସାଥେ
କରିଯିବା ଭଲ କାମ
ଉତ୍ତମ ମଣିଷଟିଏ ହେବା ଆମେ
ରଖିବା ଦେଶର ନାମ ।

ବଲାଙ୍ଗିର
ମୋ-୬୩୭୧୮୦୫୦୭୦

# ତୁମ ତୂଳୀରୁ ...



ଉପମିତା ଦାସ, ଶ୍ରେଣୀ-ତୃତୀୟ
ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶରଥପୁର, ଯାଜପୁର



ଅଭିଲାଷ ଦାଶ, ଶ୍ରେଣୀ-୮ମ,
ବଲାଙ୍ଗିର ପବ୍ଲିକ୍ ସ୍କୁଲ୍, ବଲାଙ୍ଗିର

# ୪୨ତମ ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : ରେଙ୍ଗାଲି ଚାମ୍ପିଅନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଜଙ୍ଗଲା ପଞ୍ଚାୟତ ଅନ୍ତର୍ଗତ ଆର.ଆର. କଲୋନୀ ଭାଲୁଦୁଡ଼ିଆ କ୍ରୀଡ଼ା ପ୍ରାଙ୍ଗଣରେ, ବହୁ ପ୍ରତିକ୍ଷୀତ ଚଳିତ ବର୍ଷର ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଭାଲୁଦୁଡ଼ିଆ କଲୋନୀର ଅଧିବାସୀମାନଙ୍କର ଇତିହାସ, ପରମ୍ପରାର ଓ ଭାଇଚାରା ନିଦର୍ଶନ ସ୍ୱରୂପ ଦୀର୍ଘ ପବିତ୍ର ବଡ଼ଦିନ ଅବସରରେ ଚଳିତ ବର୍ଷର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ୮ଟି ଉଦୀୟମାନ ଦଳ ଅଂଶଗ୍ରହଣ କରି ଉନ୍ନତମାନର ଖେଳ ପ୍ରଦର୍ଶନ କରିଥିଲେ । ପ୍ରତ୍ୟେକ ମ୍ୟାଚ୍‌ଗୁଡିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଭାବେ ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲା । ଫାଇନାଲ ମ୍ୟାଚରେ, ରେଙ୍ଗାଲି ଓ କୁଚିଣ୍ଡା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସହିତ ଆୟୋଜିତ ହୋଇଥିଲା । ଉଭୟ ଦଳ ସମାନ ସ୍ଥିତିରେ ରହି ପେନାଲ୍‌ଟି କିକ୍ ମାଧ୍ୟମରେ ରେଙ୍ଗାଲି ଏକାଦଶ ୩–୨ ଗୋଲ ବ୍ୟବଧାନରେ ଚାମ୍ପିଅନ ହୋଇ ଟ୍ରଫି ସହ ୩୦୦୦୦ଟଙ୍କା ପୁରସ୍କୃତ ହୋଇଥିଲେ । କୁଚିଣ୍ଡା ଏକାଦଶ ରନର୍ସଅପ୍ ଭାବେ ଟ୍ରଫି ସହ ୨୦୦୦୦ ଟଙ୍କା ପୁରସ୍କୃତ ହୋଇଥିଲେ । ଆଦିତ୍ୟ ଆଲୁମିନିୟମ ସହାୟତାରେ ଦୀର୍ଘ ବର୍ଷର ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ, କଲୋନୀ ବାସୀଙ୍କ ଭାଇଚାରା ଭାବେ ଅଞ୍ଚଳରେ ପ୍ରସିଦ୍ଧି ହାସଲ କରିଥିବା ସହିତ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆଦିତ୍ୟ ଆଲୁମିନିୟମ ତରଫରୁ, ଜର୍ଜ ଷ୍ଟିଫେନ, ମାନବ ସମ୍ବଳ ସମ୍ପର୍କ ଅଧିକାରୀ, ପିୟୁଷ ରାଜଗୁରୁ, ଲୋକ ସମ୍ପର୍କ ବିଭାଗୀୟ ଅଧିକାରୀ, ସ୍ନେହଲତା ନାୟକ, ସହ ଅଧିକାରୀ ଯୋଗଦାନ କରି, କଲୋନୀ ବାସୀଙ୍କ ଭାଇଚାରା, ସୁସମ୍ପର୍କ ତଥା ଶୃଙ୍ଖଳା ନିମନ୍ତେ ସାଧୁବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ମନୋରଞ୍ଜନ ବେହେରା, ସହ ପ୍ରବନ୍ଧକ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ, ଯୋଗଦାନକରି ଭାଲୁଦୁଡ଼ିଆ କଲୋନୀବାସୀଙ୍କ ଏକତା ଓ ଅଖଣ୍ଡତା ସହିତ ଆଗାମୀ ଦିନରେ ଅଞ୍ଚଳରେ କ୍ରୀଡ଼ା ଓ ସଂସ୍କୃତିର ବିକାଶ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ପ୍ରୟାସ ଜାରି ରଖିବାର ସୂଚନା ଦେଇଥିଲେ । ଭାଲୁଦୁଡ଼ିଆ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ୫୦୦୦ରୁ ଉର୍ଦ୍ଧ୍ୱ ଫୁଟବଲପ୍ରେମୀ ଉପଭୋଗ କରିଥିଲେ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ କଲୋନୀର ପ୍ରତ୍ୟେକ ପରିବାର ଏହି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଓ ଆଦିତ୍ୟ ପରିବାରର ସହାୟତା ନିମନ୍ତେ କୃତଜ୍ଞତା ପ୍ରଦାନ କରିଥିଲେ ।



# ନୂଆବର୍ଷରେ ନୂଆ ଇତିହାସ ରଚିଲେ ବୁମ୍‌ରା

**ନୂଆଦିଲ୍ଲୀ**

ନୂଆବର୍ଷ ୨୦୨୫ ଆରମ୍ଭରୁ ଇତିହାସ ରଚିଛନ୍ତି ଭାରତୀୟ ସ୍ପିଡ୍ ଷ୍ଟାର ଜସ୍‌ପ୍ରୀତ ବୁମ୍‌ରା । ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ସେ ବୋଲରଙ୍କ ତାଲିକାରେ ଶୀର୍ଷ ସ୍ଥାନ ତ ବଜାୟ ରଖିଛନ୍ତି, ଏହା ସହିତ ସର୍ବକାଳୀନ ସର୍ବାଧିକ ରେଟିଂ ପଏଣ୍ଟ ହାସଲକାରୀ ଭାରତୀୟ ବୋଲର ହୋଇଛନ୍ତି ବୁମ୍‌ରା । ପୂର୍ବରୁ ୯୦୪ ପଏଣ୍ଟ ଲେଖାଏଁ ହାସଲ କରି ରବିଚନ୍ଦ୍ରନ ଅଶ୍ୱିନ ଓ ବୁମ୍‌ରା ମିଳିତ ଭାବେ ଏହି ରେକର୍ଡର ଅଧିକାରୀ ହୋଇଥିଲେ । ହେଲେ ବୁଧବାର ଆଇସିସି ଟେଷ୍ଟ ମାନ୍ୟତାରେ ବୁମ୍‌ରାଙ୍କୁ ମିଳିଛି ୯୦୭ ରେଟିଂ ପଏଣ୍ଟ ।

ଅଷ୍ଟ୍ରେଲିଆରେ ବର୍ଡର ଗାଭାସ୍କର ଟ୍ରଫିରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ପାଇଁ ଏକାକୀ ୩୦ ୱିକେଟ ନେଇଛନ୍ତି ବୁମ୍‌ରା । ଯଦିଓ



ଭାରତକୁ ଏହି ସିରିଜ୍ ଏପର୍ଯ୍ୟନ୍ତ ଭଲ ଫଳାଫଳ ଦେଇନାହିଁ, ବୁମ୍‌ରା କିନ୍ତୁ ନିଜ ପରିଶ୍ରମର ଫଳ ପାଇଛନ୍ତି । ବ୍ୟାଟିଂରେ ଦୁର୍ବଳ ଦିଶୁଥିବା ପୂରା ଟିମ୍ କେବଳ ବୋଲିଂ ପାଇଁ ବୁମ୍‌ରାଙ୍କ ଉପରେ ନିର୍ଭର କରୁଥିବାବେଳେ ଚାପକୁ ନିୟନ୍ତ୍ରଣରେ ରଖି ସେ ଏକାକୀ ଭାରତ ପକ୍ଷରୁ ସର୍ବାଧିକ ୱିକେଟ ହାସଲକାରୀ ବୋଲର ହୋଇପାରିଛନ୍ତି । ଏପରିକି ଏହି ସିରିଜ୍‌ରେ ଭାରତ ଜିତିଥିବା ଏକମାତ୍ର ମ୍ୟାଚ୍‌ର ନେତୃତ୍ୱ ମଧ୍ୟ ବୁମ୍‌ରା ନେଇଥିଲେ ।

ତେବେ ଆଇସିସି ଦ୍ୱାରା ସର୍ବାଧିକ ରେଟିଂ ପଏଣ୍ଟ ପାଇଥିବା ଭାରତୀୟ ବୋଲରଙ୍କ ତାଲିକାରେ ଶୀର୍ଷରେ ମିଳିତ ଭାବରେ ଅଶ୍ୱିନ ଓ ବୁମ୍‌ରା ରହିଥିଲେ । ଉଭୟ ନିଜ ନିଜ ପ୍ରଦର୍ଶନ ବଳରେ ୯୦୪ ଲେଖାଏଁ ରେଟିଂ ପଏଣ୍ଟ ପାଇ ଏହି ତାଲିକାର ଶୀର୍ଷରେ ଥିଲେ । ହେଲେ ସବୁ ରେକର୍ଡକୁ ଭାଙ୍ଗି ବୁଧବାର ଆଇସିସି ମାନ୍ୟତାରେ ୯୦୭ ରେଟିଂ ପଏଣ୍ଟ ହାସଲ କରିଛନ୍ତି ବୁମ୍‌ରା । କୌଣସି ଭାରତୀୟ ବୋଲରଙ୍କ କ୍ଷେତ୍ରରେ ଏହା ସର୍ବାଧିକ ହୋଇଥିବାବେଳେ ସର୍ବକାଳୀନ ରେକର୍ଡରେ ସେ ଇଂଲଣ୍ଡର ପୂର୍ବତନ ସ୍ପିନର ଡେରେକ୍ ଅଣ୍ଡରଉଡ୍‌ଙ୍କ ସହ ମିଳିତ ଭାବେ ୧୭ଶ ସ୍ଥାନରେ ରହିଛନ୍ତି । ଏହି ସର୍ବକାଳୀନ ରେକର୍ଡ ରେଟିଂ ପଏଣ୍ଟ ତାଲିକାରେ ଶୀର୍ଷରେ ଅଛନ୍ତି ଇଂଲଣ୍ଡର ପୂର୍ବତନ ବୋଲର ସିଡ୍‌ନୀ ବାର୍ନସ୍ । ସେ ଏକଦା ବିଶ୍ୱ କ୍ରିକେଟରେ ଚହଳ ସୃଷ୍ଟି କରି ୯୩୨ ପଏଣ୍ଟ ହାସଲ କରିଥିଲେ । ଉଲ୍ଲେଖଯୋଗ୍ୟ, ମେଲବର୍ଣ୍ଣ ଷ୍ଟାଡିୟମରେ ବକ୍ସିଂ ଡେ ଟେଷ୍ଟ ଖେଳୁଥିବାବେଳେ ବୁମ୍‌ରା ଟେଷ୍ଟରେ ୨୦୦ ୱିକେଟ ପୂରଣ କରିଥିଲେ । ସେ ମଧ୍ୟ ଦ୍ରୁତତମ ଭାରତୀୟ ପେସର ଭାବେ ଏହି ମାଇଲ ଖୁଣ୍ଟ ଅତିକ୍ରମ କରିଥିଲେ । ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବ ୫୦ ମ୍ୟାଚ୍ ଖେଳି ୨୦୦ ୱିକେଟ ହାସଲ କରିଥିବା ବେଳେ କେବଳ ୪୪ ମ୍ୟାଚ୍‌ରେ ଏହି ରେକର୍ଡ କରିଥିଲେ ବୁମ୍‌ରା ।

# ରବିନ ଉଥାପ୍ପାଙ୍କ ଗିରଫ ପରୱାନ ଉପରେ ରୋକ ଲଗାଇଲେ ହାଇକୋର୍ଟ

**ନୂଆଦିଲ୍ଲୀ**

ଇପିଏଫ ଠକେଇ ମାମଲାରେ ଫସିଥିବା ଭାରତୀୟ ଟିମ୍‌ର ପୂର୍ବତନ କ୍ରିକେଟର ରବିନ ଉଥାପ୍ପାଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି । ତାଙ୍କ ବିରୋଧରେ ଜାରି ହୋଇଥିବା ଗିରଫ ପରୱାନା ଉପରେ କର୍ଣ୍ଣାଟକା ହାଇକୋର୍ଟ ରୋକ ଲଗାଇ ଦେଇଛନ୍ତି । ପିଏଫ ରିଜନାଲ କମିଶନର ଏସ ଗୋପାଳ ରେଡ୍ଡୀ ଡିସେମ୍ବର ୨୧ରେ ଉଥାପ୍ପାଙ୍କ ନାଁରେ ଆରେଷ୍ଟ ୱାରେଣ୍ଟ ଜାରି କରିଥିଲେ । ଏଥିସହ ପୁଲକେଶିନଗର ପୁଲିସ୍ ପୁଲିସ୍‌କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ ।

ଉଥାପ୍ପା ସେଞ୍ଚୁରିଜ୍ ଲାଇଫଷ୍ଟାଇଲ ବ୍ରାଣ୍ଡ ପ୍ରାଇଭେଟ୍ ଲିଃ ନାଁରେ ଗୋଟିଏ କମ୍ପାନୀ ଚଳାଉଛନ୍ତି । ଏଠାରେ କାମ କରୁଥିବା କର୍ମଚାରୀଙ୍କ ଦରମାରୁ ସେ ପିଏଫ ବାବଦରେ ଟଙ୍କା କାଟୁଛନ୍ତି । କିନ୍ତୁ ଏହାକୁ ସେ ଜମା କରୁ ନଥିଲେ । ଏପରି ଭାବେ ସେ ୨୩ ଲକ୍ଷ ଟଙ୍କାର ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଡିସେମ୍ବର ୪ରେ କମିଶନର ରେଡ୍ଡୀ ୱାରେଣ୍ଟକୁ କାର୍ଯ୍ୟକାରୀ କରିବାକୁ ପୁଲିସ୍‌କୁ କହିଥିଲେ । କିନ୍ତୁ ଉଥାପ୍ପା ତାଙ୍କ ପୁରୁଣା ଠିକଣାରେ ରହୁ ନଥିବାରୁ ଉକ୍ତ ୱାରେଣ୍ଟ ଫିଏଫ ଅଫିସକୁ ଫେରି



ଆସିଥିଲା । ଏହାପରେ ଡିସେମ୍ବର ୨୧ରେ ଶ୍ରୀ ରେଡ୍ଡୀ ଗିରଫ ୱାରେଣ୍ଟ ଜାରି କରିଥିଲେ । ତାଙ୍କ ବିରୋଧରେ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ହଡ଼ପର ଅଭିଯୋଗ ଆସିଥିଲେ ହେଁ ଏହାକୁ ଉଥାପ୍ପା ଖଣ୍ଡନ କରିଥିଲେ । ଏହାପରେ ସେ ଗିରଫ ୱାରେଣ୍ଟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏବେ ପରବର୍ତ୍ତୀ ଶୁଣାଣି ଯାଏ ୱାରେଣ୍ଟ ଉପରେ ରୋକ ଲଗାଇ ଦେଇଛନ୍ତି ।

୩୯ ବର୍ଷୀୟ ରବିନ୍ ଉଥାପ୍ପା ଭାରତୀୟ କ୍ରିକେଟ୍ ? ଟିମ୍ ?ର ଏକ ଲୋକପ୍ରିୟ ଚେହେରା । ସେ ଭାରତ ପାଇଁ ୪୬ଟି ଦିନିକିଆ ଓ ୧୩ ଟି–୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଯେତେବେଳେ ଟିମ୍ ଇଣ୍ଡିଆ ୨୦୦୭ରେ ଟି–୨୦ ବିଶ୍ୱକପ୍ ଜିତିଥିଲା ସେତେବେଳେ ଉକ୍ତ ଟିମରେ ଉଥାପ୍ପା ରହିଥିଲେ ।

# ୨୦୨୪ ଟି-୨୦ କ୍ରିକେଟର ଅଫ ଦ ଇୟର ଆୱାର୍ଡ ଲିଷ୍ଟରେ ୪ ଖେଳାଳି



**ନୂଆଦିଲ୍ଲୀ**

୨୦୨୪ ବର୍ଷ ଟି -୨୦ ଆନ୍ତର୍ଜାତୀୟ କ୍ରିକେଟ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା । ଏହା ଟିମ୍ ଇଣ୍ଡିଆ ପାଇଁ ମଧ୍ୟ ସ୍ୱତନ୍ତ୍ର ଥିଲା କାରଣ ଭାରତ ଦ୍ୱିତୀୟ ଥର ପାଇଁ ଟି–୨୦ ବିଶ୍ୱକପ ଟାଇଟଲ ଜିତିଛି । ଯାହାର ଫାଇନାଲ ମ୍ୟାଚ୍ ୯ଜୁନ୍‌ରେ ଖେଳାଯାଇଥିଲା । ବର୍ତ୍ତମାନ ବର୍ଷ ଶେଷ ହେବା ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏକ ସ୍ୱତନ୍ତ୍ର ତାଲିକା ପ୍ରକାଶ କରିଛି । ଯେଉଁଥିରେ ପାକିସ୍ତାନର ବାବର ଆଜାମ, ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍, ଜିମ୍ବାୱେର ସିକନ୍ଦର ରଜା ଏବଂ ଭାରତର ଅର୍ଶଦୀପ ସିଂ ଅନ୍ତର୍ଭୁକ୍ତ । ଏହି ଚାରି ଖେଳାଳିଙ୍କ ନାମ ଆଇସିସି ପୁରୁଷ ଟି–୨୦ ଆନ୍ତର୍ଜାତୀୟ କ୍ରିକେଟର ଅଫ ଦି ଇୟର ଟାଇଟଲ ପାଇଁ ରେସ୍‌ରେ ଅଛି । ଯାହା ପାଇଁ ଭୋଟ ଚାଲିଛି ।

ବାବର ଆଜାମ (ପାକିସ୍ତାନ) : ୨୦୨୪ରେ ପାକିସ୍ତାନ ଅଧିନାୟକ ବାବର ଆଜାମ ୭୩୮ ରନ ସ୍କୋର କରି ଦଳର ରେକର୍ଡ କରିଥିଲେ । ସେ ୨୪ଟି ମ୍ୟାଚରେ ୬ଟି ଅର୍ଦ୍ଧଶତକ ହାସଲ କରିଥିଲେ । ଆୟର୍ଲାଣ୍ଡ ଗସ୍ତରେ ତାଙ୍କର ୭୫ ରନ ଇନିଂସ ପାରି କରିଥିଲେ, ଯେଉଁଥିରେ ସେ ୧୭୮.୫୭ ଷ୍ଟ୍ରାଇକ୍ ହାରରେ ସ୍କୋର କରିଥିଲେ ।

ଟ୍ରାଭିସ ହେଡ (ଅଷ୍ଟ୍ରେଲିଆ) : ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ୨୦୨୪ରେ ଟି -୨୦ କ୍ରିକେଟରେ ନିଜର ବ୍ୟାଟିଂ ଦକ୍ଷତା ପ୍ରଦର୍ଶନ କରିଥିଲେ । ସେ ୧୭୮.୪୭ର ଷ୍ଟ୍ରାଇକ୍ ହାରରେ ୧୫ ମ୍ୟାଚରେ ୫୩୯ ରନ ସ୍କୋର କରିଥିଲେ । ଯେଉଁଥିରେ ଚାରି ଅର୍ଦ୍ଧ ଶତାବ୍ଦୀ ଅନ୍ତର୍ଭୁକ୍ତ । ଇଂଲଣ୍ଡ ବିପକ୍ଷରେ ୫୯ ରନର ଇନିଂସ ଚଳିତ ବର୍ଷ ସବୁଠାରୁ ଆକ୍ରମଣାତ୍ମକ ଇନିଂସ ମଧ୍ୟରୁ ଅନ୍ୟତମ ।

ସିକନ୍ଦର ରଜା (ଜିମ୍ବାୱେ) : ଜିମ୍ବାୱେର ଅଲରାଉଣ୍ଡର ସିକନ୍ଦର ରଜା ତାଙ୍କ ଦଳକୁ ଅନେକ ସ୍ମରଣୀୟ ବିଜୟ ପାଇଁ ଆଗେଇ ନେଇଥିଲେ । ୨୦୨୪ରେ ସେ ୧୪୬.୫୪ ଷ୍ଟ୍ରାଇକ୍ ହାରରେ ୫୭୩ ରନ ସଂଗ୍ରହ କରିଥିଲେ ଏବଂ ବୋଲିଂ ହାରାହାରି ୨୨.୨୫ରେ ୨୪ ଉଇକେଟ୍ ନେଇଥିଲେ ।

ଅର୍ଶଦୀପ ସିଂ (ଭାରତ) : ୨୦୨୪ରେ ଭାରତର ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂ କ୍ରିକେଟ ପ୍ରେମୀଙ୍କୁ ପ୍ରଭାବିତ କରିଥିଲେ । ୨୦୨୪ରେ ସେ ୧୮ଟି ମ୍ୟାଚ୍‌ରେ ହାରାହାରି ୧୩.୫ ହାରାହାରିରେ ୩୬ ଉଇକେଟ୍ ନେଇଥିଲେ । ବିଶେଷ କରି ଟି–୨୦ ବିଶ୍ୱକପ ୨୦୨୪ ଫାଇନାଲରେ ତାଙ୍କର ସାଂଘାତିକ ବୋଲିଂ ଦ୍ୱିତୀୟ ଥର ପାଇଁ ଭାରତ ଟାଇଟଲ ଜିତିବାରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

# କେନ୍ଦୁଝର ଜିଲ୍ଲାର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କଲେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ସବଡ଼ିଭିଜନ୍‌ର ନରଣପୁର, କେନ୍ଦୋଇପସି, ଜମୁନାପଶି, ଚେମେଣା ପ୍ରଭୃତି ଧାନମଣ୍ଡୀକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତୋଫାନୀ ଗସ୍ତ କରିଛନ୍ତି । ଏହି ଧାନମଣ୍ଡି ଗସ୍ତ ସମୟରେ କେନ୍ଦ୍ରସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ପ୍ରାବଧାନ ଅନୁଯାୟୀ ଧାନମଣ୍ଡୀଗୁଡ଼ିକ ଠିକ୍‌ଠାକ୍ କାମ କରୁଛନ୍ତି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ମହେଶ୍ୱର ସାହୁ କରିଥିଲେ । ଓଡ଼ିଶାରେ ବିଜେପି ମୋହନ ଚରଣ ମାଝିଙ୍କ ସରକାର ଆସିବା ପରେ ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନାମାନ ଚାଲୁ କରିଛନ୍ତି । ତତ୍‌ମଧ୍ୟରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ । ଚାଷୀମାନଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବନାହିଁ ବୋଲି ଶ୍ରୀ ସାହୁ କହିଥିଲେ । ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତାର ସହିତ କରିବା ପାଇଁ ମୋହନ ଚରଣ ମାଝି ସରକାର ବଦ୍ଧପରିକର ଅଟେ । ଯେଉଁମାନେ ଧାନ କିଣା କାରବାରରେ ବଦମାସି କରିବେ କିମ୍ବା ଚାଷୀମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ । ଉପସ୍ଥିତ ଚାଷୀମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂ, ଜିଲ୍ଲା ଧାନ ସଂଗ୍ରହ କମିଟିର ସଦସ୍ୟ ପ୍ରକାଶ ସୂତ୍ରଧର, ଅମିତ କୁମାର ସିଂହ, ବିଷ୍ଣୁ ବେହେରା, ସଞ୍ଜୟ କୁମାର ସାହୁ, ହୃଷୀକେଶ ମହାକୁଡ଼, ମନୋରଞ୍ଜନ ମହାନ୍ତି, ଶାନ୍ତନୁ ଲାର, ଗୋରେଖନାଥ ନାୟକ, ଦିଲ୍ଲୀପ କୁମାର ରଣା, ରୁଷିନାଥ ମହାନ୍ତ, ସରୋଜ ଭଞ୍ଜ, ବୁଲୁ ମହାପାତ୍ର, ମିତ୍ର ଭାନୁ ନାୟକ, ବିପିନ ବିହାରୀ ମହାନ୍ତ, ଚତୁରା ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ । କେନ୍ଦୁଝର ଜିଲ୍ଲା କେନ୍ଦୁଝର ସଦର ସବଡିଭିଜନ୍‌ର ପଣ୍ଡାପଡ଼ା, ନରଣପୁର, କେନ୍ଦୋଇପସି, ଜମୁନାପଶି, ଚେମେଣା ପ୍ରଭୃତି ଧାନମଣ୍ଡୀକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତୋଫାନୀ ଗସ୍ତ କରିଛନ୍ତି ।

# ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଲେ ସଂଜୀବ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ମାଟିର ପୁଅ ତଥା ସଫଳତାପୂର୍ବକ କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ବର୍ଷ ଦାୟିତ୍ୱ ସମ୍ପନ୍ନ କରିଥିବା ସଂଜୀବ କୁମାର ବାରିକ ଓଡ଼ିଶା ସୂଚନା ସେବା କ୍ୟାଡ଼ରରେ ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି । ସୂଚନାଯୋଗ୍ୟ ଉପ ନିର୍ଦ୍ଦେଶକ ଭାବେ ଶ୍ରୀ ବାରିକ ବର୍ତ୍ତମାନ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ପଦୋନ୍ନତି ପରେ ମଧ୍ୟ ଏହି ସମ୍ମାନଜନକ ପଦବୀରେ ପୂର୍ବପରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶିତ ହୋଇଛନ୍ତି ।



# ଲୁଟିନେଲେ ୨୦୦ କୋଟିର କଳାପଥର : ୨୧ ହାଇୱା ଜବତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଏବଂ ଢେଙ୍କାନାଳ ସୀମାରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲ ଅଧୀନ ନିହଳପ୍ରସାଦ ନିକଟରେ ଥିବା ନିଶ୍ଚିନ୍ତା ପାହାଡ଼ର ରାଇଗଡ଼ାରୁ ଗତ ୬ ମାସ ମଧ୍ୟରେ ପ୍ରାୟ ୨୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି । ଏଥିନେଇ ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କ ଯାଜପୁରରୁ ଲଢ଼େଇ କରିବା ସହ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ ପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ଘଟଣାରେ ହସ୍ତକ୍ଷେପ କରାଯାଇଥିଲା । ସୋମବାର ବିଳମ୍ବିତ ରାତିରେ ଏଥିନେଇ ବଡ଼ ଧରଣର ଚଢ଼ଉ କରାଯାଇ ୨୧ଟି ହାଇୱାକୁ ଜବତ କରାଯାଇଛି । ଖବରରୁ ପ୍ରକାଶ, ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ଜଙ୍ଗଲ କିସମ ଏହି ପାହାଡ଼ରୁ ଦୈନିକ ଶତାଧିକ ଟ୍ରିପ୍ କଳାପଥର ଖୁଲମଖୁଲା ଭାବେ ଚୋରା ଚାଲାଣ ହେଲା । ଏହି ଘଟଣାରେ କ୍ଷମତାସୀନ ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ସଂପୃକ୍ତି ଥିବାର କୌଣସି କାର୍ଯ୍ୟାନୁଷ୍ଠାନ ସମ୍ଭବ ହେଉ ନଥିବାର ସାଧାରଣରେ ଆଲୋଚନା ହୋଇ ଘୋର ଉଦ୍‌ବେଗ ପ୍ରକାଶ ପାଉଥିଲା । ତେବେ ଯାଜପୁର ଜିଲ୍ଲା ସୀମାରେ ଏହି ଚୋରା କାରବାର ଚାଲୁଥିବା



ବେଳେ ଯାଜପୁର ଜିଲ୍ଲା ଦେଇ ଶହ ଶହ ସଂଖ୍ୟାରେ ଏହି କଳାପଥର ବୋଝେଇ ଟ୍ରକ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା । ଏଥିନେଇ ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କର ଏଥିନେଇ ଦୃଷ୍ଟି ଆକର୍ଷଣ କରିବା ସହ ତଥ୍ୟଭିତ୍ତିକ ଅଭିଯୋଗ ପ୍ରଦାନ କରିଥିଲେ । ସତୀଶଙ୍କ ଅଭିଯୋଗ ଆଧାରରେ ଗତ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଡି.ୱାଇ ନଂ– ୩୧୦୪ ତା୩୧.୦୮.୨୪ରିଖରେ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପତ୍ର ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିନେଇ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶାଳୟ ତରଫରୁ ଉପନିର୍ଦ୍ଦେଶକ ତୁରାମ ବଲେଇ ମୁଣ୍ଡାପତ୍ର ନଂବର– ୧୯୦୯ ତା୦୭.୧୦.୨୪ ଏବଂ ପତ୍ର ନଂ– ୨୦୯୭ ତା୨୯.୧୦.୨୪ ଉପଖଣି ନିର୍ଦ୍ଦେଶକ ତାଳଚେରଙ୍କୁ ପ୍ରଦାନ କରି ଘଟଣା ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସତୀଶଙ୍କ ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବ ଡିୱାଇ ନଂ– ୦୫୫୧୯ ତା୧୯.୦୮.୨୪ ରିଖରେ ଇସ୍ପାତ ଓ ଖଣି ବଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳ ଢେଙ୍କାନାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିନେଇ ଇସ୍ପାତ ଓ ଖଣି ବିଭାଗର ଉପସଚିବ ରାଜେଶ ପ୍ରସାଦ ନାୟକ ପତ୍ର ନଂ–୮୩୨୯ ତା୨୫.୦୯.୨୪ ରିଖରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ ବିଭାଗ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପତ୍ର ପ୍ରଦାନ କରିଥିଲେ । ସତୀଶଙ୍କ ଅଭିଯୋଗ ଆଧାରରେ ରାଜ୍ୟପାଳଙ୍କ ତରଫରୁ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପତ୍ର ନଂ–୮୪୯୬ ତା୨୩.୦୯.୨୪ ପ୍ରଦାନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଲୁଟ୍ ଅନ୍ତରାଳରେ ରାଜନୈତିକ ଏବଂ ପ୍ରଶାସନିକ କ୍ଷେତ୍ରରେ ଥିବା ପ୍ରଭାବଶାଳୀଙ୍କ ଭୂମିକା ଥିବାରୁ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା । ତେବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ପରେ ବି ପାହାଡ଼ ଲୁଟ୍ ଭଳି ଘଟଣାକୁ ଚପାଇ ଦିଆଯିବା ନେଇ ସତୀଶ ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ପ୍ରଶାସନ ତରଫରୁ ଘଟଣା ନେଇ ଗୁରୁତ୍ୱ ପ୍ରଦାନ ସହ ଜିଲ୍ଲାପାଳ, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଏବଂ ଏସ୍‌ପି ମିଳିତ ଭାବେ ଚଢ଼ଉ ପାଇଁ ଯୋଜନା କରି ଏକ ସ୍କ୍ୱାଡ୍ ଗଠନ କରିଥିଲେ । ଏହି ସ୍କ୍ୱାଡ୍ ସୋମବାର ରାତିରେ ଚଢାଉ କରି ୨୧ ଟି ହାଇୱା ଜବତ କରିଛନ୍ତି । ଏଥିନେଇ ସତୀଶ ବିଶ୍ୱାଳ ଢେଙ୍କାନାଳ ଏସ୍‌ପି ଅଭିନବ ଶଙ୍କରଙ୍କ ସହ ଆଲୋଚନା କରି କେବଳ ଟ୍ରକ୍ ଜବତରେ ତଦନ୍ତ ଶେଷ ନହୋଇ ପାହାଡ଼ ଲୁଟ୍‌ର ମୂଳ ମାଫିଆ ଏବଂ ସଂପୃକ୍ତ କ୍ରସର ନେଇ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି । ଢେଙ୍କାନାଳ ଏସ୍‌ପି ଏଥିନେଇ ପୋଲିସ ଏବଂ ପ୍ରଶାସନ ଯତ୍ନବାନ ଥିବା ସହ ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତୀଶଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଶତାୟୁ ମହିଳାଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତସ୍ଥିତ ଗଣ୍ଡରପୁର ଗ୍ରାମର ବର୍ଷୀୟାନ ମହିଳା ଶରତ କୁଅଁରଙ୍କର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୧୦୦ ବର୍ଷ ହୋଇଥିଲା । ସେ ଜଣେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣା ମହିଳା ଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ସଦାସର୍ବଦା ଚଳଚଞ୍ଚଳ ଥିଲେ ଏବଂ ଛୋଟ ପିଲାମାନଙ୍କୁ ତାଙ୍କ ଜୀବନର ବିଭିନ୍ନ ଘଟଣାବଳୀ ଏବଂ ଅଭିଜ୍ଞତା ସମ୍ପର୍କରେ ଗପ ମାଧ୍ୟମରେ ଶିକ୍ଷା ଦେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁତ୍ର ଆର୍ତ୍ତତ୍ରାଣ କୁଅଁର ଓ ଶିବପ୍ରସାଦ କୁଅଁର ଏବଂ ଦୁଇଝିଅ ବିଷ୍ଣୁପ୍ରିୟା କୁଅଁର ଓ ଉର୍ମିଳା କୁଅଁର ଏବଂ ବୋହୁ ପଙ୍କଜିନୀ ମହାନ୍ତି ଓ ବିଜୟଲକ୍ଷ୍ମୀ ମହାନ୍ତି, ନାତି ନାତୁଣି ପ୍ରମୁଖ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଜ୍ୟୋଷ୍ଠପତ୍ର ଆର୍ତ୍ତତ୍ରାଣ ମୁଖାଗ୍ନୀ ଦେଇଥିଲେ ।

# ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ଅଧ୍ୟକ୍ଷତରେ ଜିଲ୍ଲା ପରିବେଶ ସମିତିର କାର୍ଯ୍ୟ ନିର୍ବାହୀ ସଦସ୍ୟମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଡଃ ଶରତ କୁମାର ସାହୁ ସମସ୍ତ କାର୍ଯ୍ୟ କାରିଣୀ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ । ସମସ୍ତ ସଦସ୍ୟମାନେ ନିଜ ନିଜର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ବାର୍ଷିକ ବିବରଣୀ ଓ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିମାନ ପାଠ କରିଥିଲେ ତାହା କାର୍ଯ୍ୟ କାରିଣୀ ସଦସ୍ୟଙ୍କଦ୍ୱାରା ଅନୁମୋଦନ ଲାଭ କରିଥିଲା । କାର୍ଯ୍ୟକାରିଣୀ ସଦସ୍ୟମାନେ ପରିବେଶ ସଚେତନତା ପାଇଁ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ବନ୍ଧରେ ନିଜ ନିଜର ମତ ମତ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରକାର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ଛାତ୍ରଛାତ୍ରୀ ଓ ଜନସାଧାରଣ ମାନଙ୍କଠାରେ ସଚେତନତା ସୃଷ୍ଟି କରିବାପାଇଁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାପାଇଁ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ । ବୈଠକରେ ଡି.ଏଫ.ଓ.ଙ୍କ ପ୍ରତିନିଧି ରେଞ୍ଜ ଅଫିସର, ସୁକିନ୍ଦା ତହସିଲଦାର, ଜଳଛାୟା ପ୍ରକଳ୍ପ ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସହକାରୀ କୃଷି ନିର୍ଦ୍ଦେଶକ, ଖଣି ବିଭାଗର ଉପ ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଅଧିକାରୀରିଣୀଙ୍କ ପ୍ରତିନିଧି (ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ), ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆଞ୍ଚଳିକ ଶାଖା ଅଧିକାରୀ, କଳିଙ୍ଗ ନଗର ଇତ୍ୟାଦି ଯୋଗ ଦେଇ ନିଜର ମତ ପୋଷଣ କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ମଳୟ କୁମାର ମିତ୍ର କାର୍ଯ୍ୟ କାରିଣୀ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ଗୁରୁତ୍ୱାରୋପ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅନ୍ତର୍ଗତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ସଡ଼କ ସୁରକ୍ଷା ସପ୍ତାହ ୨୦୨୫ ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ପୋଲିସ, ଜାତୀୟ ରାଜପଥ, ପୂର୍ତ୍ତ, ଶିକ୍ଷା, ବିଭିନ୍ନ ମୋଟର ଯାନ ସଂଘର କର୍ମକର୍ତ୍ତା, ଅବକାରୀ, ସ୍ୱାସ୍ଥ୍ୟ ସୂଚନା ଓ ଲୋକସମ୍ପର୍କ ଓ ଅନ୍ୟ ସମ୍ପୃକ୍ତ ବିଭାଗ ଏବଂ ନିମନ୍ତ୍ରିତ ସଭ୍ୟମାନେ ଯୋଗଦେଇ ପାଳନ ହେବାକୁ ଥିବା ଏହି ସଡ଼କ ସୁରକ୍ଷା ସପ୍ତାହକୁ ଶୂନ୍ୟ ମୃତ୍ୟୁ ଭାବେ ସଫଳ ରୂପାୟନ ଦେବା ନିମନ୍ତେ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମଦ୍ୟପ ଚାଳକ, ବିନା ହେଲମେଟ୍ ଓ ବିନା ଲାଇସେନ୍ସ ଚାଳକ ଆଦି ଟ୍ରାଫିକ ନିୟମ ଭଙ୍ଗକାରୀମାନଙ୍କ ଉପରେ ଏହି ଅବସରରେ ଯାଞ୍ଚ ଓ ଜରିମାନା ଜୋରଦାର କରାଯିବ । ଜାତୀୟ ରାଜପଥ ବିଭାଗ, ବିଶେଷ କରି ଜାତୀୟ ରାଜପଥ ୧୬ କର୍ତ୍ତୃପକ୍ଷ ରାସ୍ତାରେ ଥିବା ଖାଲଖମା ପୂରଣ ସହ ଅନ୍ୟ ସମସ୍ୟା ତୁରନ୍ତ ସୁଧାରି ନେବାକୁ ଜିଲ୍ଲାପାଳ ତାଗିଦ କରିଥିଲେ । ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ କରିବାକୁ ମୋଟର ଯାନ ସଂଘମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜପଥ ଉପରୁ ଅଯଥା ହମ୍ପସ ଅପସାରଣ, ନିୟମ ଅନୁଯାୟୀ ହମ୍ପସର ରଙ୍ଗ କରିବା, ଟୋଲ ଗେଟ୍ ନିକଟରେ ଆମ୍ବୁଲାନ୍ସ ଏବଂ କ୍ରେନ୍ ମହଜୁଦ୍ ରଖିବା ଆଦି ବିଷୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ବିଷୟରେ ଚିତ୍ରକଳା ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ, ଫିଲ୍ମ ପ୍ରଦର୍ଶନ, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାଳୟ କାନ୍ଥରେ ସଡ଼କ ସୁରକ୍ଷା ବାର୍ତ୍ତା । ସମ୍ବଳିତ ପୋଷ୍ଟର ଆଦି ଲଗାଇବା, ପିକ୍‌ନିକ୍ ସ୍ପଟ୍ ରାସ୍ତାର ପ୍ରବେଶ ଓ ପ୍ରସ୍ଥାନ ପଥରେ ଅଧିକ ପୋଲିସ ମୁତୟନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରେ ଚାଳକମାନଙ୍କର ଚକ୍ଷୁ ଓ ଅନ୍ୟ ପରୀକ୍ଷା କରାଇବା, ବିଳମ୍ବିତ ରାତ୍ରୀରେ ଜାତୀୟ ରାଜପଥରେ ଚାଳକମାନଙ୍କୁ ନିଦ ନ ଆସିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ମାଗଣା ଚା ଯୋଗାଇବା, ବିଭିନ୍ନ ବ୍ଲାକ୍ ସ୍ପଟ୍‌ମାନଙ୍କରେ ପାଟ୍ରୋଲିଂ ବଢ଼ାଇବା, ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରେ ନ ଛାଡ଼ିବା ପାଇଁ ରାଜପଥ ନିକଟ ଗ୍ରାମବାସୀଙ୍କୁ ସଚେତନ କରାଇବା, ସଡ଼କ ସୁରକ୍ଷା ମୂଳକ ବିଭିନ୍ନ ସାଇନ ବୋର୍ଡ ଲଗାଇବା ତଥା ସକାଳ ଓ ସନ୍ଧ୍ୟାରେ ଚେକିଙ୍ଗ ତୀବ୍ର କରିବା ଆଦି ବିଷୟ ଉପରେ ନିଷ୍ପତ୍ତି ନିଆଯାଇଥିଲା । ବିଶେଷ କରି ଚିହ୍ନିତ ଦୁର୍ଘଟଣା ପ୍ରବଣ ସ୍ଥାନମାନଙ୍କରେ ଦାୟିତ୍ୱ ବହନକାରୀ ସମ୍ପୃକ୍ତ ବିଭାଗମାନେ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ଶ୍ରୀ ବିକାଶ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ପ୍ରକାରର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକୀୟ ସାଧନ ମହଜୁଦ୍‌ର ଏହି ସଡ଼କ ସୁରକ୍ଷା ସପ୍ତାହ ପାଳନକୁ ସମ୍ପୂର୍ଣ୍ଣ ସଫଳ ରୂପାୟନ ଦେବା ନିମନ୍ତେ ସମସ୍ତେ ସହଯୋଗ କରିବାକୁ ଜିଲ୍ଲାପାଳ ଆଶା ବ୍ୟକ୍ତ କରିଥିଲେ ।







# ରାଷ୍ଟ୍ରୀୟ ଜନଜାତି ଖେଳ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ପ୍ରତିଯୋଗୀଙ୍କୁ ଭୁବନେଶ୍ୱର ରେଲୱେ ଷ୍ଟେସନରେ ଭବ୍ୟସ୍ୱାଗତ ଓ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ୨୦୨୪ ଡିସେମ୍ବର ୨୯, ୩୦ ତାରିଖ ଛତିଶଗଡ଼ର ରାୟପୁର ଠାରେ ଅନୁଷ୍ଠିତ ସର୍ବଭାରତୀୟ ଜନଜାତି ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶାର ଜନଜାତି ବାଳିକା ମଞ୍ଜୁଲତା ହେମ୍ବ୍ରମ ତୀରନ୍ଦାଜୀରେ ତିନୋଟି ସ୍ୱର୍ଣ୍ଣପଦକ ପ୍ରାପ୍ତ କରି ଗୌରବ ଅର୍ଜନ କରିଛନ୍ତି। ସେହିପରି ମୀନା ତିରିଆ ୩୦ ଓ ୪୦ ମିଟର ତୀରନ୍ଦାଜୀରେ ଦୁଇଟି ବ୍ରୋଞ୍ଜ ପଦକ ପାଇ ଓଡ଼ିଆ ଜାତି ନାମକୁ ବଜାୟ ରଖିଛନ୍ତି। ସେମାନେ ଓଡ଼ିଶା ଫେରିବା ପରେ ବୁଧବାର ସକାଳ ୯ଟାରେ ଭୁବନେଶ୍ୱର ରେଲୱେ ଷ୍ଟେସନରେ ଉକ୍ତ ଖେଳାଳିମାନଙ୍କୁ ଭବ୍ୟସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି।

ଖେଳାଳିଙ୍କ ସହ କୋଚ ବୁଦ୍ଧୁରାମ ସିଂ ଏବଂ ମ୍ୟାନେଜର ଶଶିଭୂଷଣ ମହାଙ୍କୁଡ ଖେଳାଳିମାନଙ୍କୁ ସହଯୋଗ କରିଥିଲେ। ଦୁଇଜଣ ଅନୁଭବୀ ଖେଳ ଶିକ୍ଷକ ନାରାୟଣ ପ୍ରଧାନ ଓ ରଂଜନ ମହାଙ୍କୁଡ ଖେଳାଳିଙ୍କୁ ଅଭ୍ୟାସ କରାଇବା ସହିତ ସାଙ୍ଗରେ ରାମପୁର ଯାଇ ଫେରିଛନ୍ତି।

ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ଦ୍ୱାରା ପ୍ରତିବର୍ଷ ପରି ୨୦୨୪ରେ ଚବିଶତମ ଜନଜାତି ଖେଳକୁଦ ପ୍ରତିଯୋଗିତା ରାମପୁରରେ ଅୟୋଜିତ ହୋଇଯାଇଛି। ସୁଦୂର ଆଣ୍ଡାମାନ ସମେତ ସାରାଦେଶର ୩୦ଟି ରାଜ୍ୟରୁ ୬୦୦ ଜନଜାତି ଖେଳାଳି ଭାଗ ନେଇଥିଲେ। ଆମ ଓଡ଼ିଶାରୁ ତୀରନ୍ଦାଜ ଓ ଫୁଟବଲ୍ ମିଶି ୨୫ ଜଣ ଅଂଶ ଗ୍ରହଣ କରି ଫେରିଛନ୍ତି। ଏହି ରାଷ୍ଟ୍ରୀୟ ଖେଳ ପ୍ରତିଯୋଗିତା ଯୋଗୁଁ ପ୍ରତିବର୍ଷ ଅନେକ ଖେଳାଳି ଭାଇ, ଭଉଣୀ ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତି ପାଇଆସୁଛନ୍ତି ଏବଂ ନିଜର ଦେଶ, ଧର୍ମ, ସଂସ୍କୃତି ତଥା ପରମ୍ପରାର ରକ୍ଷା ପାଇଁ ତ୍ୟାଗ ଓ ପରିଶ୍ରମ କରୁଛନ୍ତି।

# ବିଜେପି ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବ: ରାଜ୍ୟ ସଭାପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଓଡ଼ିଶାବାସୀ ରାଜ୍ୟରେ ପରିବର୍ତ୍ତନ ଆଣି ରାଜ୍ୟରେ ବିଜେପି ସରକାର ଆଣିଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଫାଇଦା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ବିଜେପି କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବେ। ବୁଧବାର ଏଭଳି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି, ବିକଶିତ ଓଡ଼ିଶାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ବିଜେପି ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବ। ଭିଜନ ଡକ୍ୟୁମେଣ୍ଟକୁ ସଫଳ କରିବା।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆହୁରି କହିଛନ୍ତି, ରାଜ୍ୟରେ ବିଜେପିକୁ ଅଧିକ ଶକ୍ତିଶାଳୀ କରାଯିବ। ନୂଆ ଲୋକଙ୍କୁ ଯୋଡ଼ିବା କାମ କରିବ ବିଜେପି। ଲୋକେ ବିଜେପି ସରକାରକୁ ପୁଣି ଆଶୀର୍ବାଦ ଦେବେ ବୋଲି ମୁଁ ଭାବୁଛି। ପଞ୍ଚାୟତ ନିର୍ବାଚନରେ ବି ଲୋକେ ବିଜେପିକୁ ଆଶୀର୍ବାଦ ଦେବେ। ସରକାର ଓ ସଂଗଠନ ମଧ୍ୟରେ ଉତ୍ତମ ଯୋଗାଯୋଗ ରହିଛି। ଏଣୁ କୌଣସି ଅସୁବିଧା ହେଉନାହିଁ।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆହୁରି କହିଛନ୍ତି, ରାଜ୍ୟରେ ବିଜେପିକୁ ଅଧିକ ଶକ୍ତିଶାଳୀ କରାଯିବ। ନୂଆ ଲୋକଙ୍କୁ ଯୋଡ଼ିବା କାମ କରିବ ବିଜେପି। ଲୋକେ ବିଜେପି ସରକାରକୁ ପୁଣି ଆଶୀର୍ବାଦ ଦେବେ ବୋଲି ମୁଁ ଭାବୁଛି। ପଞ୍ଚାୟତ ନିର୍ବାଚନରେ ବି ଲୋକେ ବିଜେପିକୁ ଆଶୀର୍ବାଦ ଦେବେ। ସରକାର ଓ ସଂଗଠନ ମଧ୍ୟରେ ଉତ୍ତମ ଯୋଗାଯୋଗ ରହିଛି। ଏଣୁ କୌଣସି ଅସୁବିଧା ହେଉନାହିଁ। ଏଣେ ମୁଁ ସବୁବେଳେ ବିଜେପିର କାର୍ଯ୍ୟକର୍ତ୍ତା ହୋଇ ରହିବି ବୋଲି ବି କହିଛନ୍ତି ମନମୋହନ ସାମଲ।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ମାସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୫ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ଏ ବର୍ଷ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜ ପଥ ମନ୍ତ୍ରାଳୟ ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ନିମନ୍ତେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି । ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିବା ବେଳେ ଲୋକସେବା ଭବନରେ ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପରିବହନ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଅମିତାଭ ଠାକୁରଙ୍କ ସମେତ ପରିବହନ ବିଭାଗର ଅନ୍ୟ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ , ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସଡକ ଦୁର୍ଘଟଣା କମାଇବା ସହିତ ଏବଂ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଦେଖାଯାଇଛି ଯେ, ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ପ୍ରତିବର୍ଷ ପାଖାପାଖି ୫ ହଜାର ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି । ପୃଥିବୀରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ସଂଖ୍ୟା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟାଠାରୁ ଅଧିକ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଇଛି । ଦୃତ ବେଗରେ ଗାଡ଼ି ଚଳାଇବା, ମାଦକ ଦ୍ରବ୍ୟ ସେବନ, ଭୁଲ ରାସ୍ତାରେ ଏବଂ ଟ୍ରାଫିକ ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି । ରାଜ୍ୟ ସରକାରଙ୍କ ତରଫରୁ ବର୍ଷ ସାରା ସଡ଼କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉ ଥିବା ବେଳେ ଏହି ମାସରେ ସଚେତନତା କାର୍ଯ୍ୟକୁ ବ୍ୟାପକ କରାଯିବାକୁ ଆଲୋଚନା କରାଯାଇଛି । 'ସଡ଼କ ସୁରକ୍ଷା, ପରିବାର ରକ୍ଷା', 'ସୁରକ୍ଷିତ ଭାବେ ଘରକୁ ଫେରିବା' ଚଳିତ ବର୍ଷ ସଡ଼କ ସୁରକ୍ଷା ମାସ ପାଳନର ପ୍ରମୁଖ ଅଭିଯାନ ହେବ । ସଡ଼କ ସୁରକ୍ଷା ପ୍ରସଙ୍ଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସମସ୍ତ ଅଂଶୀଦାରମାନେ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଉଦ୍ଦେଶ୍ୟ ରହିଛି । ଏଥି ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ପାଣ୍ଠି ଦିଆଯାଇଛି । ଜିଲ୍ଲା ସଡ଼କ ସୁରକ୍ଷା ସମିତି ସହାୟତାରେ ସବୁ ଜିଲ୍ଲାରେ ସଡ଼କ ସୁରକ୍ଷା ସଚେତନତା ରଥ ପରିକ୍ରମା କରିବ । ସେଥିରେ ଏଲଇଡି ବା ଟିଭି ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ସଂପର୍କିତ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହେବ । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ପାଇଁ ସଡ଼କ ସୁରକ୍ଷା ସଂପର୍କିତ ସ୍ଲୋଗାନ, ପେଣ୍ଟିଂ, କୁଇଜ୍ ଆଦି ପ୍ରତିଯୋଗିତା ଯଥା ଇତ୍ୟାଦି ଅନୁଷ୍ଠିତ ହେବ । ବିଭିନ୍ନ ପିକନିକ୍ , ପର୍ଯ୍ୟଟନ ସ୍ଥଳ ଓ ଦର୍ଶନୀୟ ସ୍ଥାନରେ ସଡ଼କ ସୁରକ୍ଷା ବାର୍ତ୍ତା ଦର୍ଶାଉଥିବା ବ୍ୟାନର ଲଗାଯିବା ସହ ପ୍ରଚାରପତ୍ର ବଣ୍ଟାଯିବ । ଅନ୍ୟ ପକ୍ଷରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ପୁଲିସ ବିଭାଗ ସହଯୋଗରେ ମିଳିତ ଭାବେ ସ୍ୱତନ୍ତ୍ର ଅଭିଯାନରେ ଚଢ଼ଉ କରାଯିବ। ସମ୍ବେଦନଶୀଳ ସ୍ଥାନରେ ତଥା ଆବଶ୍ୟକ ରହୁଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ସଡ଼କ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ବେଆଇନ ଭାବେ ରାଜପଥରେ ପାର୍କିଂ କରିଥିବା ଗାଡିକୁ ତୁରନ୍ତ ହଟାଯିବ । ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ଚାଳକମାନଙ୍କୁ ଛାତ୍ର ଟ୍ରାଫିକ୍ ସ୍ୱେଚ୍ଛାସେବୀ(ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର) ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରାମର୍ଶ ଦିଆଯିବ। ବିଶେଷ କରି ପିକ୍‌ନିକ୍ ସ୍ଥାନରେ ଓ ଦର୍ଶନୀୟ ସ୍ଥଳରେ ଏନ୍‌ଫୋର୍ସମେଣ୍ଟ ଦଳ ମୁତୟନ ରହିବେ । ଗୁରୁତ୍ୱପୂର୍ଣ୍ଣ ପିକ୍‌ନିକ୍ ସ୍ପଟ୍ ଗୁଡିକରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ମଦୁଆ ଡ୍ରାଇଭରମାନଙ୍କ ପ୍ରତି ନଜର ରଖିବା ପାଇଁ ପୁଲିସ ମୁତୟନ ରହିବେ। ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜ ଜିଲ୍ଲାର ସଡ଼କ ଦୁର୍ଘଟଣା ସ୍ଥିତି, କାରଣ ଓ ସେଥିପାଇଁ ନିଆ ଯାଉଥିବା ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ଅବଗତ କରିଥିଲେ । ବିଭିନ୍ନ ପଦକ୍ଷେପ ନିଆଯାଇ ବିଭିନ୍ନ ଜିଲ୍ଲାରେ ସଡ଼କ ଦୁର୍ଘଟଣାକୁ କମାଇବା, ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା, କମ୍ ବୟସ ପିଲାମାନଙ୍କୁ ଡ୍ରାଇଭିଂରୁ ନିବୃତ୍ତ କରାଇବା, ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା, ସଡ଼କ ନିୟମ ନମାନି ଗାଡି ଚଳାଇବା ଯୋଗୁଁ କିପରି ଜୀବନ ହାନି ଘଟି ସମାଜର କ୍ଷତି ଘଟିବା ସଙ୍ଗେ ସଙ୍ଗେ ପରିବାର ପାଇଁ ଦୁଃଖର କାରଣ ହେଉଛି, ସେଥିରପାଇଁ ଭାରତ ସରକାରଙ୍କ ତରଫରୁ ରହିଥିବା ସଡ଼କ ସୁରକ୍ଷା ଅଭିଯାନ 'ପର୍ବାହ' ଭାବପ୍ରବଣ ଅଭିଯାନ ମାଧ୍ୟମରେ ସଚେତନତାକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦିଆଯାଇଛି।




ସଡ଼କ ଦୁର୍ଘଟଣା କମାଇବା ସହିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ସଂପର୍କରେ ଆଲୋଚନା: ବ୍ୟାପକ ସଚେତନତା, ଚଢଉ, ସଡ଼କ ଇଂଜିନିୟରିଂ ଯାଞ୍ଚ ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଉପରେ ଗୁରୁତ୍ୱ

# ପ୍ରବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବ ଜଙ୍ଗଲ ଓ ପରିବେଶ ବିଭାଗ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରବାସୀ ଭାରତୀୟ ଦିବସ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ କରିବ ପ୍ରବାସୀଙ୍କ ପାଇଁ କରିବ ସ୍ୱତନ୍ତ୍ର ବ୍ୟବସ୍ଥା। ସେମାନଙ୍କ ଆଗ୍ରହ ଦେଖି ସ୍ୱତନ୍ତ୍ର ଗାଡ଼ି ଯୋଗେ ନନ୍ଦନକାନନ, ଚିଲିକା ଓ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀ ବୁଲାଇବାର ବ୍ୟବସ୍ଥା କରିଛି ବିଭାଗ। ଏହାସହିତ କଫି ଟେବୁଲ୍ ବୁକ୍ ମଧ୍ୟ ସେମାନଙ୍କୁ ଦିଆଯିବ। ନନ୍ଦନକାନନ ବିଶ୍ୱସ୍ତରରେ ନାଁ କରିବ ସେଭଳି ବ୍ୟବସ୍ଥା ରହିଛି ଚିଡି। ବୁଧବାର ନୂଆବର୍ଷ ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ନନ୍ଦନକାନନ ବୁଲି ଦେଖିବା ସହ ପର୍ଯ୍ୟଟକଙ୍କ ସହ ଆଲୋଚନା କରିଥିଲେ। ନନ୍ଦନକାନନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ପରିବେଶର ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଛୋଟ ପିଲା ଓ ପର୍ଯ୍ୟଟକଙ୍କୁ ଗଛ ଉପହାର ଦେଇ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଆଗକୁ ଜଙ୍ଗଲ ବୃଦ୍ଧି ହେଲେ ଜୀବଜନ୍ତୁ ସୁରକ୍ଷିତ ରହିବେ ଓ ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହେବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଏ ସ୍ୱତନ୍ତ୍ର ବାର୍ତ୍ତା ବୁଧବାର ବର୍ଷରେ ପ୍ରଥମ ଦିନରେ ଲୋକଙ୍କୁ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ।

# ଆଳୁ, ପିଆଜରେ ଆତ୍ମ ନିର୍ଭର ହେବ ଓଡ଼ିଶା - ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଳୁ, ପିଆଜରେ ଆତ୍ମ ନିର୍ଭର ହେବ ଓଡ଼ିଶା । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକରେ ଆତ୍ମ ନିର୍ଭରଶୀଳ ହେବ ଆମ ରାଜ୍ୟ । କୃଷି, ଯୋଗାଣ ଓ ସମବାୟ ବିଭାଗର ମିଳିତ ସହଯୋଗରେ ଏହା କରାଯିବ । ଖୁବ୍‌ଶୀଘ୍ର ଏଥିପାଇଁ ବୈଠକ ଡକାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆଗକୁ ବଢିବା ପାଇଁ ଲକ୍ଷ୍ୟ । ଧାନ ମଣ୍ଡି ଗୁଡିକରେ କୌଣସି ଭିତ୍ତିଭୂମି ନାହିଁ । ତେଣୁ ମଣ୍ଡି ଗୁଡିକରେ ଭିତ୍ତିଭୂମି ସୁଦୃଢ କରିବ ପାଇଁ ସରକାର ଅର୍ଥ ବ୍ୟବସ୍ଥା କରିଛନ୍ତି । ଏଠି ପାଇଁ ଦୁଇ ତିନି ବର୍ଷ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି ।



# ଉତ୍କର୍ଷ ଓଡିଶା ସଫଳ ଆୟୋଜନ ଶିଳ୍ପ ବିଭାଗ ପାଇଁ ଚାଲେଞ୍ଜ : ଶିଳ୍ପ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କର୍ଷ ଓଡିଶା ସଫଳ ଆୟୋଜନ ଶିଳ୍ପ ବିଭାଗ ପାଇଁ ଚାଲେଞ୍ଜ ହେବ । ୨୦୨୫ରେ ଅନେକ ଶିଳ୍ପ ଗ୍ରାଉଣ୍ଡେଡ ହେବ ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ୫ ଲକ୍ଷ କୋଟି ନିବେଶ ଟାର୍ଗେଟ ରଖି ସରକାର କାମ କରୁଛନ୍ତି । ଦେଶରେ ଓ ଦେଶ ବାହାରେ ରୋଡ଼ ଶୋ' ହୋଇଛି । ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶାରେ ସିଂହପୁର ପ୍ରଧାନମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ । ବିଜେପି ଶିଳ୍ପକୁ ନେଇ ଯେଉଁ ପ୍ରତିଶ୍ରୁତି ଦେଇଛି ତାକୁ ପୂରଣ କରାଯିବ। କେଉଁ ଶିଳ୍ପ ଆସିଲେ ନିଯୁକ୍ତି ଅଧିକ ସୃଷ୍ଟି ହେବ, ସେଥି ପ୍ରତି ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି ।


i-393

ZILLA PARISHAD, JAJPUR

Request for Proposal (RFP)

Zilla Parishad, Jajpur invites Request for Proposal (RFP) in prescribed format from reputed organisations for "Selection of an Event Management Agency (EMA) For Conceptualising, Curating and Executing Zilla Mahotsav-2025 and Pallishree Mela at Jajpur district".

The detail of the RFP is available in the district web portal i.e. www.jajpur.odisha.gov.in

Sd/-
CDO-cum-EO, Zilla Parishad
Jajpur

OIPR-19228/11/0001/2425


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାମୂହିକ ଦାୟିତ୍ୱ...

ଅଧିକାରୀମାନଙ୍କ ସହଯୋଗରେ ବିଭିନ୍ନ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ କରାଯାଉଛି । ତେଣୁ ଓଡ଼ିଶା ଅନ୍ୟ ରାଜ୍ୟ ଠାରୁ ଯେପରି ଭଲ ପ୍ରଦର୍ଶନ କରିବ ସେ ଦିଗରେ ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ଆମ ପାଖରେ ଅନେକ ଆହ୍ୱାନ ରହିଛି ଓ ସୁଯୋଗ ମଧ୍ୟ ରହିଛି । ସାମୂହିକ ଦାୟିତ୍ୱ ନେଇ ସବୁ ଆହ୍ୱାନର ମୁକାବିଲା କରିପାରିଲେ ସମସ୍ତ କାର୍ଯ୍ୟ ସଫଳତାର ସହ କରାଯାଇ ପାରିବ । ଓଡିଶାରେ ନୌସେନା ଦିବସ, ସର୍ବଭାରତୀୟ ଡିଜିପି ସମ୍ମିଳନୀ ଆଦି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ପାଳନ କରାଯାଇଛି । ଆଗାମୀ ଦିନରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ପାଳନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଫୋକସ ରହିଛି । ଗତ ଛଅ ମାସ ମଧ୍ୟରେ ତିନି ଥର ଆସିବା ସହିତ ଜାନୁଆରୀ ମାସରେ ସେ ଦୁଇ ଥର ଆସିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ରର ସହଯୋଗ ଜାରି ରହିଛି । ତେଣୁ, ଏହି ସୁଯୋଗର ମଧ୍ୟ ସଦବ୍ୟବହାର କରି ବିକଶିତ ଓଡିଶାର ଲକ୍ଷ୍ୟ ପୂରଣ ଦିଗରେ ଆଗେଇବାକୁ ସେ ପରାମର୍ଶ ଦେଇଥିଲେ । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଚଳିତ ବର୍ଷ ଓଡିଶା ପାଇଁ ଏକ ପ୍ରଗତିର ବର୍ଷ ହେବ। ୨୦୩୬ ଓ ୨୦୪୭ ପାଇଁ ଆମର ଯେଉଁ ସଂକଳ୍ପ ଅଛି ସେ ଦିଗରେ ସମସ୍ତେ ମିଳିମିଶି କାମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟର ଅଧିକାରୀ ମାନେ ଦକ୍ଷ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସରକାରଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି ବୋଲି ସେ କହିଥିଲେ । ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ବର୍ଷର ପ୍ରଥମ ଦିନରେ କୃଷକଙ୍କ...

ଫସଫେଟ୍ (ଡିଏପି) ସାରର ମୂଲ୍ୟ ଅପରିବର୍ତ୍ତିତ ରଖିବାରେ କୃଷକମାନଙ୍କୁ ବ୍ୟାପକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଭୌଗୋଳିକ-ରାଜନୈତିକ ପ୍ରତିବନ୍ଧକ ଏବଂ ବିଶ୍ୱ ବଜାରରେ ଅସ୍ଥିରତା ସତ୍ତ୍ୱେ, ଖରିଫ ଏବଂ ରବି ପାଇଁ ସୁଲଭ ମୂଲ୍ୟରେ କୃଷକମାନଙ୍କୁ ଡିଏପିର ଉପଲବ୍ଧତା ସୁନିଶ୍ଚିତ କରି ସରକାର କୃଷକ ଅନୁକୂଳ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଜୁଲାଇ ୨୦୨୪ରେ କ୍ୟାବିନେଟ ଏନ୍.ବି.ଏସ୍. ସବସିଡି ଠାରୁ ଅତିରିକ୍ତ ଡି.ଏ.ପି. ଉପରେ ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜକୁ ଅନୁମୋଦନ କରିଥିଲା, ଯାହା ମେଟ୍ରିକ ପିଛା ୩,୫୦୦ ଟଙ୍କା ହାରରେ ୧ ଏପ୍ରିଲ ୨୦୨୪ ଠାରୁ ୩୧ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ସବସିଡି ଯୋଗାଇ ଦେବାକୁ ଲାଗୁ ହୋଇଥିଲା। ଏଥିପାଇଁ ଆନୁମାନିକ ୨,୬୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

## ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ...

ଆଲୋଚନାରେ କହିଛନ୍ତି । ଇଂରାଜୀ ନବବର୍ଷର ପ୍ରଥମ ଦିନରେ ରାଜ୍ୟରେ ସରକାରୀ ବିଭାଗ ଗୁଡିକରେ ଖାଲି ଥିବା ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହିତ ଏକ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ, ନିରପେକ୍ଷ ଓ ତ୍ୱରାନ୍ୱିତ ଭାବେ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଅତ୍ୟାବଶ୍ୟକୀୟ ସେବା ଯୋଗାଉ ଥିବା ବିଭାଗ, ଯଥା- ସ୍ୱାସ୍ଥ୍ୟ, ଗୃହ, ଶିକ୍ଷା ଓ କୃଷି ବିଭାଗର ପଦବୀ ଗୁଡିକୁ ଖାଲି ନ ରଖି ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଆଗାମୀ ୫ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସ୍ତରରେ ଦେଢ ଲକ୍ଷ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି । ୨ ବର୍ଷ ମଧ୍ୟରେ ୬୫ ହଜାର ସରକାରୀ ପଦବୀରେ ନିଯୁକ୍ତି ପାଇଁ ସ୍ଥିରୀକୃତ ହୋଇଛି । ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ବିଭାଗରେ ୧,୧୦,୫୫୭ଟି ପଦବୀ ଖାଲି ରହିଛି । ଏଗୁଡିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ନିଯୁକ୍ତି ଆୟୋଗ ଗୁଡିକୁ ପ୍ରସ୍ତାବ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଭିନ୍ନ ବିଭାଗରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଖାଲି ଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱତନ୍ତ୍ର ରିକ୍ରୁଟମେଣ୍ଟ ଡ୍ରାଇଭ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଗ୍ରୁପ-ବି ବର୍ଗର ପଦବୀ ପୂରଣ ପାଇଁ କ୍ଷମତାପନ୍ନ କମିଟିର ଅନୁମୋଦନ ଦରକାର ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ । ଭିନ୍ନକ୍ଷମ ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଯାଞ୍ଚ ଓ ସଂରକ୍ଷଣ ପାଇଁ ଅର୍ଥ ବିଭାଗରେ କାର୍ଯ୍ୟରତ ଥିବା କ୍ଷମତାପନ୍ନ କମିଟିକୁ ପୁନର୍ଗଠନ କରି ସେଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହିତ ଅବିଭକ୍ତ କୋରାପୁଟ ଜିଲ୍ଲାର ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ଜୟପୁର ଠାରେ ଲୋକସେବା ଆୟୋଗର ଏକ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ବର୍ତ୍ତମାନ ଲୋକସେବା ଆୟୋଗର ୫ଟି ପରୀକ୍ଷା କେନ୍ଦ୍ର ରହିଛି । ବୈଠକରେ ଓପିଏସ୍‌ସିର ଅଧ୍ୟକ୍ଷ ଅରୁଣ ଷଡଙ୍ଗୀ, ଓଏସ୍‌ଏସ୍‌ସିର ଅଧ୍ୟକ୍ଷ ଶ୍ରୀ ଅଭୟ, ଓଏସ୍‌ଏସ୍‌ଏସ୍‌ସିର ଅଧ୍ୟକ୍ଷ ଲଳିତ ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଆୟୋଗ ଗୁଡିକର ସଦସ୍ୟବୃନ୍ଦ ଏବଂ ସଚିବ ମାନେ ଉପସ୍ଥିତ ଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 53/ET/SBP/ENGG/ 2024-25, ତା.26.12.2024ରିଖ

(1) ଇ-ଟେଣ୍ଡର ସଂ. 38-eT-DENC-SBP-24

**କାର୍ଯ୍ୟର ନାମ :** ସମ୍ବଲପୁର ଷ୍ଟେସନର R1 (670 ମିଟର) ଏବଂ R3 (570 ମିଟର) ଠାରେ ବାଲାଷ୍ଟଲେସ୍ ଟ୍ରାକ୍‌ର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 9,20,40,810.40, ବିଡ୍ ସିକ୍ୟୁରିଟି (₹): 6,10,300.00 ।

(2) ଇ-ଟେଣ୍ଡର ସଂ. 48-eT-DENS-SBP-24

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳରେ ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନରେ TTR (FS + TWS + WCMSC)-25 ସେଟ୍, TTR (FS)-25 ସେଟ୍, TTR (FS + CS + CMSC)-2 ସେଟ୍, GJ-26 ସେଟ୍, SEJ-2 ସେଟ୍, (2) ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (ପି)/ଅମ୍ଭୋଦଳା ଅଧୀନରେ ସାମୟିକ ରେଲ୍ ନବୀକରଣ (ଅନାବଶ୍ୟକ ଗ୍ଲୁଡ୍ ଜଏଣ୍ଟ୍‌ର ଅପସାରଣ)- 1.391 TKM) ଅମ୍ଭୋଦଳା, (3) ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (ପି)/ ଅମ୍ଭୋଦଳା ଅଧୀନରେ ସାମୟିକ ରେଲ୍ ନବୀକରଣ (ଅନାବଶ୍ୟକ ଗ୍ଲୁଡ୍ ଜଏଣ୍ଟ୍‌ର ଅପସାରଣ)-1.626 TKM)ର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 2,19,04,575.74, ବିଡ୍ ସିକ୍ୟୁରିଟି (₹): 2,59,600.00 ।

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର

PR-850/P/24-25



**ଖରିଫ ଧାନ ସଂଗ୍ରହ, ୨୦୨୪-୨୫**

ବିଜ୍ଞାପନ ସଂଖ୍ୟା : ୧୦ — **ବିଶେଷ ସୂଚନା** — ତାରିଖ : ୦୧.୦୧.୨୦୨୫

ଏତଦ୍ୱାରା କଟକ ଜିଲ୍ଲାର ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଯୋଗ୍ୟ ବିବେଚିତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଚଳିତ ଖରିଫ ବର୍ଷ ୨୦୨୪-୨୫ ପାଇଁ ରାଜ୍ୟ ସରକାର ଓ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ତା୦୩.୦୧.୨୦୨୫ରିଖ ଠାରୁ ୮୫ ଗୋଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କ ଠାରୁ ସେମାନଙ୍କର ବଳକା ଧାନ କ୍ରୟ କରାଯିବ। ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବରେ ଶୁଖାଇ ସଫା ସୁତୁରା କରି ଧାନକ୍ରୟ କେନ୍ଦ୍ରକୁ ଆଣିବେ। ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗି, ସମଆକାର, ଏକ କିସମ ଯଥା (ଏଫ.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ। ସମସ୍ତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନହୋଇ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତିମାନଙ୍କ ଜରିଆରେ ଧାନ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ।

ଚଳିତ ଖରିଫ ୨୦୨୪-୨୫ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ

| ଧାନର କିସମ | କ୍ୱିଣ୍ଟାଲ ପିଛା ଦର | ଅତିରିକ୍ତ ଇନପୁଟ୍ ସହାୟତା ରାଶି |
|---|---|---|
| ସାଧାରଣ ଧାନ (ଏଫ.ଏ.କ୍ୟୁ | ଟ.୨,୩୦୦.୦୦ଙ୍କା | ଟ.୮୦୦.୦୦ଙ୍କା |
| ଗ୍ରେଡ୍ 'ଏ' ଧାନ | ଟ.୨,୩୨୦.୦୦ଙ୍କା | |

ସହାୟକ ମୂଲ୍ୟ ପାଇବା ପାଇଁ ଧାନର ହାରାହାରି ଗୁଣାତ୍ମକ ମାନ (ଏଫ.ଏ.କ୍ୟୁ) ନିମ୍ନମତେ ହେବା ଆବଶ୍ୟକ

| କ୍ର.ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ. ଧାନର ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଳି, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି<br>* ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର। | ୫.୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଚାଷୀର ସଚେତନତା ଆମର କାମ୍ୟ

ସୌଜନ୍ୟ :- ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର



**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, Email- mdosseltd456@gmail.com

CAD-2041

**TENDER CALL NOTICE**
**No- OSSC/ Engg- 105/2024**

The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt of Odisha www.tenderodisha.gov.in.

*Percentage Rate Tenders* from eligible Civil works contractors registered under Competent authority of Govt of Odisha

*Amount in Rs.*

| Sl | Name of the work | Estimated Amt | EMD | Cost of tender document | Completion period | Eligibility class of Contractors |
|---|---|---|---|---|---|---|
| 1 | Repair of Asbestos Sheeted Office Building of Zonal Manager, Bhawanipatna at Govt Agriculture farm, Arkabahali, Bhawanipatna | 781653.00 | 7816/- | 4480/- | 90 | D or above |

The details of location of work, estimated amount regarding construction work along-with cost of Tender Document, EMD and other criteria along with critical dates for the above Tenders can be seen in the *Detailed Tender Call Notice* posted in Website of Govt of Odisha www.tenderodisha.gov.in.

The last date for uploading of tender to tender portal is dt. 15.01.2025.

OIPR-01045/11/0006/2425 — Sd/- Managing Director

ସମ୍ବାଦ କଳିକା

ଭୁବନେଶ୍ୱର
୦୨ ଜାନୁଆରୀ
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୨୦୨୪-୨୫ ବର୍ଷରେ କୃଷି କ୍ଷେତ୍ରରେ ୪% ଅଭିବୃଦ୍ଧି ସମ୍ଭାବନା

**ନୂଆଦିଲ୍ଲୀ, ୧/୧**

ଏଥର ପାଗ ଅନୁକୂଳ ହେବା ଯୋଗୁ ଦେଶରେ ଖାଦ୍ୟ ଶସ୍ୟ ଉତ୍ପାଦନ ଭଲ ହୋଇଛି। ୨୦୨୫ରେ ଦେଶ ଆଶା ଅନୁସାରେ ଅମଳ କରିବ। ତଥାପି ଡାଲି ଓ ତୈଳ ବୀଜ ଉତ୍ପାଦନରେ ସ୍ଥିତି ଆହ୍ୱାନପୂର୍ଣ୍ଣ ରହିଛି। ଏହା ପୂର୍ବରୁ କୃଷି ମନ୍ତ୍ରଣାଳୟର ପ୍ରାରମ୍ଭିକ ଆକଳନ ଆଶାବାଦୀ ଥିଲା। ଖରିଫ (ଗ୍ରୀଷ୍ମ) ଖାଦ୍ୟଶସ୍ୟ ଉତ୍ପାଦନ ୨୦୨୪-୨୫ ଫସଲ ବର୍ଷ(୨୦୨୫ ଜୁନ୍‌ରେ ଶେଷ ହେବ) ପାଇଁ ରେକର୍ଡ ୧୬୪.୭ ନିୟୁତ ଟନ୍ ହେବ ବୋଲି କୁହା ଯାଇଥିଲା। ସେହିପରି ଶୀତଦିନିଆ ଫସଲ ରୋପଣ ସ୍ଥିର ଅଗ୍ରଗତି ବଜାୟ ରଖିଛି, ଡିସେମ୍ବର ୨୦୨୪ ମଧ୍ୟଭାଗ ସୁଦ୍ଧା ୨୯.୩୧ ନିୟୁତ ହେକ୍ଟରରେ ଗହମ ବୁଣା ଯାଇଥିବା ବେଳେ ମୋଟ ରବି (ଶୀତ) ଫସଲ ୫୫.୮୮ ନିୟୁତ ହେକ୍ଟର ହୋଇଛି। ବର୍ଷାର ପରିମାଣ ସାଧାରଣ ଥିବାରୁ ଖରିପ ଋତୁରେ ଭଲ ଚାଷ ହୋଇଛି ବୋଲି କୃଷ ସଚିବ ଦେବେଶ ଚତୁର୍ବେଦୀ କହିଛନ୍ତି।



ମୋଟ ଉପରେ ଫସଲ ଅମଳ ଆଶା ଭଲ ରହିଛି। ତେବେ ଫେବୃୟାରୀ-ମାର୍ଚ୍ଚର ଗ୍ରୀଷ୍ମ ପ୍ରବାହ ଶୀତକାଳୀନ ଫସଲକୁ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି ବୋଲି ସଚିବ କହିଛନ୍ତି। ପୂର୍ବ ଆର୍ଥିକ ବର୍ଷ ଅପେକ୍ଷା ୨୦୨୪-୨୫ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିଛି। ପୂର୍ବ ବର୍ଷରେ ୧.୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ୩.୫ ରୁ୪ ପ୍ରତିଶତ ଅଭିବୃଦ୍ଧି ହୋଇଛି। ତେଣୁ କୃଷି କ୍ଷେତ୍ର ଏଥର ମଜଭୁତ ହୋଇଛି। ହେଲେ ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଭାରତ ଆତ୍ମନିର୍ଭରଶୀଳ ହେବାକୁ ନିରନ୍ତର ପ୍ରୟାସ ଜାରି ରଖିଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ୨୦୨୫ ଜାତୀୟ ଖାଦ୍ୟ ତେଲ ମିଶନ ଆରମ୍ଭ କରିବେ। ଏଥିରେ ୧୦,୧୦୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ଫଳ ଏବଂ ପନିପରିବା ରେକର୍ଡ ଉତ୍ପାଦନ ସହିତ ଉଦ୍ୟାନ କ୍ଷେତ୍ର (ହର୍ଟିକଲଚର ସେକ୍ଟରରେ) ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବିଭିନ୍ନ ସରକାରୀ ଯୋଜନାରେ ଉନ୍ନତ କୃଷି ପ୍ରଣାଳୀ ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଦ୍ୱାରା ଏହି ସଫଳତା ମିଳିଛି। ସରକାରଙ୍କ ପିଏମ-କିଷାନ ଯୋଜନା ୨୦୧୮ ଆରମ୍ଭରୁ ୧୧ କୋଟିରୁ ଅଧିକ ଚାଷୀଙ୍କୁ ୩.୪୬ ଲକ୍ଷ କୋଟିରୁ ଅଧିକ ଟଙ୍କା ପ୍ରଦାନ କରି ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ ଜାରି ରଖିଛି। କୃଷି କ୍ଷେତ୍ରକୁ ଆହୁରି ମଜଭୁତ କରିବା ପାଇଁ ମୋଟ ୧୩,୯୬୬ କୋଟି ବ୍ୟୟ ବରାଦରେ ସେପ୍ଟେମ୍ବର ୨୦୨୪ ରେ ଘୋଷିତ ୭ ନୂଆ କୃଷି ଯୋଜନା ୨୦୨୫ରେ କାର୍ଯ୍ୟକାରୀ ହେବ। ଏଗୁଡ଼ିକ କୃଷି କ୍ଷେତ୍ରର ବିଭିନ୍ନ ଦିଗ ଯଥା ଡିଜିଟାଲ ରୂପାନ୍ତରଣ, ଫସଲ ବିଜ୍ଞାନ, ପଶୁପାଳନ, ସ୍ୱାସ୍ଥ୍ୟ ଏବଂ ପ୍ରାକୃତିକ ସମ୍ପଦ ପରିଚାଳନା ଆଦିରେ ଖର୍ଚ୍ଚ ହେବ।

# 'ଯମୁନା' ଏନକ୍ଲୋଜରରେ ରହିବ 'ଜିନ୍ନତ'



**ବାରିପଦା ୧।୧ ନ୍ୟୁଜ ବ୍ୟୁରୋ**

ନୂଆବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଶିମିଳିପାଳରେ ଦେଖିଲା ଜିନ୍ନତ। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏନକ୍ଲୋଜରରେ ଜିନ୍ନତକୁ ଛଡ଼ା ଯାଇଛି। ଏଥର ଯମୁନା ରହିଥିବା ଏନକ୍ଲୋଜରରେ ରହିବ ଜିନ୍ନତ। ସକାଳ ୭ଟା ୩୦ମିନିଟ୍ ସମୟରେ ଛଡା ଯାଇଥିଲା। ସେ ସୁସ୍ଥ ଓ ଚଳଚଞ୍ଚଳ ଥିବା ଆରସିସିଏଫ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଶିମିଳିପାଳରୁ ଫେରାର ଥିବା ବାଘୁଣୀ ଜିନ୍ନତ ବୁଧବାର ଘରକୁ ଫେରିଛି। ୨୫ ଦିନ ଧରି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଏକାଧିକ ଜଙ୍ଗଲରେ ଆତଙ୍କ ଖେଳାଇବା ପରେ ୨ ଦିନ ତଳେ ବାଙ୍କୁଡ଼ା ଜଙ୍ଗଲରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ଲାଗି ତାକୁ କୋଲକାତାର ଆଲିପୁର ଚିଡ଼ିଆଖାନାରେ ରଖାଯିବା ପରେ ଗତ ରାତିରେ ଏସଟିଆରର ସ୍ୱତନ୍ତ୍ର ପିଞ୍ଜରାରେ ଜିନ୍ନତକୁ ଶିମିଳିପାଳ ଅଣାଯାଇଥିଲା। କୋଲକାତା ବନ ବିଭାଗ ସହିତ ପୋଲିସର କଡ଼ା ପହରା ମଧ୍ୟରେ ଏସଟିଆରର କ୍ଷେତ୍ର ନିର୍ଦ୍ଦେଶକଙ୍କ ଏକ ଟିମ୍ ଜିନ୍ନତକୁ ଶିମିଳିପାଳ ଆଣିଥିଲେ। ପ୍ରାୟ ଭୋର ୪ଟା ବେଳେ ଜିନ୍ନତ ପୁଣି ଶିମିଳିପାଳରେ ପହଞ୍ଚିଥିଲା। ସେଠାରେ ପୁଣି ଥରେ ତାକୁ ଏନ୍‌କ୍ଲୋଜରରେ ଛଡ଼ାଯାଇଛି।

# ଶୁକ୍ରବାର ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଶପଥ ନେବେ ଡ. କେ. ହରିବାବୁ

**ଭୁବନେଶ୍ୱର ୦୧/୦୧ ନ୍ୟୁଜ ବ୍ୟୁରୋ**

ଜାନୁଆରୀ ୩ ଅର୍ଥାତ ଶୁକ୍ରବାର ନୂଆ ରାଜ୍ୟପାଳ ଭାବେ ଶପଥ ନେବେ ଡ. କେ. ହରିବାବୁ। ଗୁରୁବାର ଅପରାହ୍ନ ୨ଟାରେ ସେ ଭୁବନେଶ୍ୱର ସ୍ଥିତ ରାଜଭବନରେ ପହଞ୍ଚିବେ। ଶୁକ୍ରବାର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ ସାମିଲ୍ ହେବେ। ଡ. କେ. ହରିବାବୁ ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ସେ ୨୦୧୪ ଲୋକସଭା ନିର୍ବାଚନରେ ଆନ୍ଧ୍ର ପ୍ରଦେଶର ବିଶାଖାପଟନମ୍ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଭାରତୀୟ ଜନତା ପାର୍ଟିରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ ହରି ବାବୁ। ସେ ଆନ୍ଧ୍ର ପ୍ରଦେଶ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମଧ ଥିଲେ। ହରିବାବୁଙ୍କୁ ୨୦୨୧ ଜୁଲାଇ ୬ରେ ମିଜୋରାମର ରାଜ୍ୟପାଳ ଭାବେ ନିଯୁକ୍ତି କରିଥିଲେ ରାଷ୍ଟ୍ରପତି। ଏବେ



ମିଜୋରାମର ରାଜ୍ୟପାଳ ଅଛନ୍ତି କେ. ହରିବାବୁ। ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ହରି ବାବୁ ଭାରତୀୟ ଜନତା ପାର୍ଟିର ଆନ୍ଧ୍ର ପ୍ରଦେଶ ରାଜ୍ୟ କାର୍ଯ୍ୟ-ନିର୍ବାହୀ କମିଟିର ସଦସ୍ୟ ଥିଲେ। ପୁଣି ୧୯୯୩ରୁ ୨୦୦୩ ମଧ୍ୟରେ ଆନ୍ଧ୍ର ପ୍ରଦେଶର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ୧୯୯୯ରେ ହରି ବାବୁ ବିଶାଖାପାଟନମ୍ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଥିଲେ। ୨୦୦୩ରେ ଆନ୍ଧ୍ରପ୍ରଦେଶ ବିଜେପିର ବିଧାନସଭାର ନେତା ଭାବେ ତାଙ୍କୁ ଦଳ ଦାୟିତ୍ୱ ଦେଇଥିଲା। ୨୦୧୪ ମାର୍ଚ୍ଚରେ ସେ ବିଜେପିର ରାଜ୍ୟ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ।

## 'ସମ୍ବାଦ କଳିକା' କାର୍ଯ୍ୟାଳୟରେ ନବବର୍ଷ ପାଳିତ

# ପ୍ରତିଯୋଗିତାପୂର୍ଣ୍ଣ ବାତାବରଣ ମଧ୍ୟରେ 'ସମ୍ବାଦ କଳିକା' ନିଜକୁ ପ୍ରତିଷ୍ଠିତ କରିପାରିଛି

**ଭୁବନେଶ୍ୱର ୧।୧ ନ୍ୟୁଜ ବ୍ୟୁରୋ**

ସାମ୍ବାଦିକ-କର୍ମଚାରୀମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତାର ସହ କର୍ତ୍ତବ୍ୟ ସମ୍ପାଦନ ଦ୍ୱାରା ହିଁ ଦୈନିକ ଖବରକାଗଜ 'ସମ୍ବାଦ କଳିକା' କେବଳ ଯେ, ପାଠକୀୟ ସ୍ୱୀକୃତି ହାସଲ କରିଛି ତା ନୁହେଁ ବରଂ ଓଡ଼ିଶାରେ ବର୍ତ୍ତମାନ ଡିଜିଟାଲ ଯୁଗର ପ୍ରତିଯୋଗିତାପୂର୍ଣ୍ଣ ବାତାବରଣ ମଧ୍ୟରେ ନିଜକୁ ଏକ ଅଗ୍ରଣୀ ତଥା ପ୍ରତିଷ୍ଠିତ ଖବରକାଗଜ ଭାବେ ପ୍ରତିପାଦିତ କରିବାରେ ସକ୍ଷମ ହୋଇପାରିଛି ବୋଲି ସମ୍ପାଦକ ଜୟାଶୀଷ ରାୟ ପ୍ରକାଶ କରିଛନ୍ତି।

ଇଂରାଜୀ ନବ ବର୍ଷ-୨୦୨୫ ଉପଲକ୍ଷେ ବୁଧବାର ପୂର୍ବାହ୍ନରେ 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ-କର୍ମଚାରୀମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କର୍ମଚାରୀମାନେ ସମ୍ପାଦକ ଶ୍ରୀ ରାୟଙ୍କୁ ନବ ବର୍ଷ ଉପଲକ୍ଷେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବାସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ପାଦକ ଶ୍ରୀ ରାୟ ଏହି ଅବସରରେ କହିଥିଲେ ଯେ ସତ୍ୟ, ନିରପେକ୍ଷ ତଥା ଗଠନମୂଳକ ସମ୍ବାଦ ପରିବେଷଣ ଉପରେ 'ସମ୍ବାଦ କଳିକା' ସର୍ବଦା ପ୍ରାଥମିକତା ଦେଇଆସିଛି। ଏହାଛଡ଼ା ଏହି ଅନୁଷ୍ଠାନ ବ୍ୟବସାୟିକ ମନୋବୃତ୍ତି ନରଖି ସକାରାତ୍ମକ ଚିନ୍ତା ଓ ଭାବନାରେ ଓଡ଼ିଶାର ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସମସ୍ୟାକୁ ଯାଥାର୍ଥ ଭାବେ ଠିକଣା ଢଙ୍ଗରେ ପରିବେଷଣ କରିବାକୁ ଏକ 'ମିଶନ' ବା ଲକ୍ଷ୍ୟ ଭାବେ ମୂଳରୁ ସ୍ଥିର କରିଛି, ଆଜି ପର୍ଯ୍ୟନ୍ତ ଏହି ଲକ୍ଷ୍ୟ ପଥରୁ କେବେହେଲେ ବିଚ୍ୟୁତ ହୋଇନାହିଁ। କର୍ମଚାରୀମାନଙ୍କ ସହଯୋଗ ଫଳରେ ଅନେକ ଘାତ ପ୍ରତିଘାତ ଭିତରେ ମଧ ଏହି ଖବରକାଗଜ ଦୀର୍ଘ ୧୮ ବର୍ଷର ଯାତ୍ରା ସଫଳତାର ସହ ପୂର୍ଣ୍ଣ କରିପାରିଛି ବୋଲି କହିବା ସହ ଶ୍ରୀ ରାୟ ଏଥିପାଇଁ ସମସ୍ତ କର୍ମଚାରୀ ଓ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ଏହି ମିଶନକୁ ଅଧିକ ଗତିଶୀଳ କରିବା ସହ ଯୋଜନାବଦ୍ଧ ଭାବେ ଖବରକାଗଜର ଉନ୍ନତି ଯଥା ପ୍ରସାରଣ ଓ ପରିପାଟୀକୁ ସୁଦୃଶ୍ୟ କରିବା ନେଇ ବିଚାର କରାଯାଉଛି ବୋଲି ସେ କହିଥିଲେ। ସେହିପରି 'ସମ୍ବାଦ କଳିକା'ର ଅନ୍ୟତମ ସହଯୋଗୀ ଅନୁଷ୍ଠାନ ଭାବେ ଗଢ଼ିଉଠିଥିବା ମାସିକ ଗଳ୍ପପତ୍ରିକା 'କଥା କଳିକା', 'ରବିବାସରୀୟ କଳିକା' ଏବଂ ସାପ୍ତାହିକ ଖବର କାଗଜ 'ଉତ୍କଳ ଦୀପିକା'ର ପ୍ରସାରଣ ବୃଦ୍ଧି ପାଉଥିବା ଦ୍ୱାରା ଓଡ଼ିଶାରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଏହା ନିଶ୍ଚିତ ଭାବେ ସହାୟକ ହୋଇପାରିଛି ବୋଲି ଶ୍ରୀ ରାୟ କହିଥିଲେ।



ବାର୍ତ୍ତା ସମ୍ପାଦକ ଏସ୍.ଏ. କଲିମ୍ ଅସୁସ୍ଥତା କାରଣବଶତଃ ବୈଠକରେ ଯୋଗ ଦେଇ ପାରିନଥିଲେ ମଧ ଟେଲିଫୋନ ଯୋଗେ ସମ୍ପାଦକ ଶ୍ରୀ ରାୟଙ୍କୁ ନବ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ 'ସମ୍ବାଦ କଳିକା'ର ବ୍ୟୁରୋଚିଫ୍ ଦୀନବନ୍ଧୁ ସାହୁ, ବରିଷ୍ଠ ସାମ୍ବାଦିକ ତଥା 'ସମ୍ବାଦ କଳିକା'ର ଭୁବନେଶ୍ୱର ପ୍ରତିନିଧି ବିବେକାନନ୍ଦ ଜେନା, ସୁସାହିତ୍ୟିକା ତଥା ବରିଷ୍ଠ ସହ ସମ୍ପାଦିକା ଲକ୍ଷ୍ମୀ ଚାନ୍ଦ, ଲୋପାମୁଦ୍ରା ଘଡ଼େଇ, ଅନୀତା ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ ଓ ବାସୁଦେବ ବାରିକ ବକ୍ତବ୍ୟ ରଖି ଆଗାମୀ ଦିନରେ ଖବରକାଗଜର ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ବେହେରା, ଶରତ ସାହୁ, ସୁରେଶ ବେଦାନ୍ତ, ମନୋଜ ମହାନ୍ତି, ବାବନ ସ୍ୱାଇଁ, ସଦାନନ୍ଦ ରଣା, ମିନାକ୍ଷୀ ବାରିକ, ଦୀପ୍ତିମୟୀ ରାଉତ, ସୁନନ୍ଦିନୀ ଘୋଷ, ଉମାକାନ୍ତ ଖୁଣ୍ଟିଆ, ପ୍ରେମାନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର କ୍ରାଇମ୍ ରୋକିବାକୁ ଓଡ଼ିଶା ପୋଲିସର ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ : ଡିଜିପି

**ଭୁବନେଶ୍ୱର ୧।୧ ନ୍ୟୁଜ ବ୍ୟୁରୋ**

ନୂଆବର୍ଷରେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ପୋଲିସ ଡିଜି ୱାଇ.ବି. ଖୁରାନିଆ। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ନୂଆ ଟେକ୍ନୋଲୋଜି ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସାଇବର କ୍ରାଇମ୍ ରୋକିବାକୁ ଓଡ଼ିଶା ପୋଲିସର ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମହିଳା ଓ ଶିଶୁ ଅପରାଧ ଉପରେ ରୋକ୍ ଲଗାଇବା ନେଇ ପୋଲିସ ଡିଜି ଗୁରୁତ୍ୱ ଦେଇଛନ୍ତି। ୨୦୨୬ ସୁଦ୍ଧା ରାଜ୍ୟରୁ ନକ୍ସଲବାଦକୁ ମୂଳପୋଛ କରିବାକୁ ଯୋଜନା ହୋଇଛି। କୋଷ୍ଟାଲ ସିକ୍ୟୁରିଟି ପାଇଁ ଓଡ଼ିଶା ପୋଲିସର ନୂଆ ଯୋଜନା ହୋଇଛି। କୋଷ୍ଟାଲ ସିକ୍ୟୁରିଟିରେ ସାମିଲ ହେବ ଅତ୍ୟାଧୁନିକ ନୂଆ ବୋଟ୍। ଯାହାର ସୂଚନା ଦେଇଛନ୍ତି ପୋଲିସ ଡିଜି ୱାଇ.ବି. ଖୁରାନିଆ।



କମ୍ୟୁନିଟି ପୋଲିସିଙ୍କୁ ଗୁରୁତ୍ୱ ଦେବ କମିଶନରେଟ ପୋଲିସ। ସାଧାରଣ ଲୋକଙ୍କ ସହଭାଗିତାରେ ହେବ ଅପରାଧ ନିୟନ୍ତ୍ରଣ। ନୂଆବର୍ଷରେ ନୂଆ ସଂକଳ୍ପ ସହ ସାମ୍ନାକୁ ଆସିଲା କମିଶନରେଟ ପୋଲିସର ବାର୍ଷିକ ରିପୋର୍ଟ। ଭୁବନେଶ୍ୱର ଅର୍ବାନ ପୋଲିସ ଜିଲ୍ଲାରେ ୨୦୨୩ରେ ୧୧ ହଜାର ୯୭୫ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୧୪ ହଜାର ୪୧୬ କେସ ରୁଜୁ ହୋଇଛି। ୨୦୨୩ରେ ୫୨ଟି ମର୍ଡର କେସ ହୋଇଥିବା ବେଳେ ୨୦୨୪ରେ ଏହା ବଢି ୬୬ରେ ପହଞ୍ଚିଛି। ଡକାୟତି, ଲୁଟ, ଚୋରି ଭୁବନେଶ୍ୱରରେ ଏବର୍ଷ କମିଛି। ସେହିପରି କଟକ ୟୁପିଡ଼ିରେ ୨୦୨୩ରେ ୭୮ଟି ମର୍ଡର କେସ୍ ସାମ୍ନାକୁ ଆସିଥିବା ବେଳେ ୨୦୨୪ରେ ୮୯ଟି କେସ୍ ରୁଜୁ ହୋଇଛି। ଡକାୟତି, ଲୁଟ୍, ଚୋରି କଟକରେ ଗତବର୍ଷ କମିଛି। ସେହିପରି ଦଙ୍ଗା ଓ ଟ୍ରାଫିକ କେସରେ ସାମାନ୍ୟ ହ୍ରାସ ହୋଇଛି। ଭୁବନେଶ୍ୱର ପୋଲିସ ପ୍ରପର୍ଟି ଅଫେନ୍ସ କେସ୍‌ରେ ୧୧୨୫ ଜଣଙ୍କୁ ଗିରଫ କରିଥିବା ବେଳେ ୫ କେଜି ୫୫୫ ଗ୍ରାମ୍ ସୁନା, ୧୫ କେଜିରୁ ଅଧିକ ରୁପା, ୭୭୯ଟି ମୋବାଇଲ ଜବତ କରାଯାଇଛି। ସେହିପରି କମିଶନରେଟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିବା ସାଇବର କ୍ରାଇମ କ୍ଷେତ୍ରରେ ୨୦୨୪ ମସିହାରେ ୭ ହଜାର ୨୬୩ ମାମଲା ରୁଜୁ କରାଯାଇଛି। ୮୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ୨୩ କୋଟି ୬୦ ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି। ୨ କୋଟି ୫୦ ଲକ୍ଷ ଟଙ୍କା ଠକେଇର ଶିକାର ଲୋକଙ୍କୁ ଫେରସ୍ତ ହୋଇଛି। ସାଇବର ଅପରାଧ ରୋକିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଟୋଲ ଫ୍ରି ନମ୍ବର ୧୯୩୦ ଜାରି ହୋଇଛି। ଅନ୍ୟପଟେ ଟୁଇନ ସିଟିରେ ବଢୁଥିବା ଟ୍ରାଫିକ ସମସ୍ୟାକୁ ରୋକିବା ସହ ଦୁର୍ଘଟଣା ହାର୍ କମାଇବା ୨୦୨୫ ମସିହାରେ କମିଶନରେଟ ପୋଲିସର ମୁଖ୍ୟ ପ୍ରୟାସ ରହିବ ବୋଲି କହିଛନ୍ତି ପୋଲିସ କମିଶନର।

# ଜାନୁଆରୀ ୧୫ ସୁଦ୍ଧା ସରିବ କେୱାଇସି : ବାହାର ରାଜ୍ୟକୁ ଯିବେ ସରକାରୀ ଅଧିକାରୀ

**ଭୁବନେଶ୍ୱର, ୦୧/୦୧ ନ୍ୟୁଜ ବ୍ୟୁରୋ**

ଜାନୁଆରୀ ୧୫ ତାରିଖ ସୁଦ୍ଧା ସରିବ କେୱାଇସି। ଇ-କେୱାଇସି କରାଇବାକୁ ବାହାର ରାଜ୍ୟକୁ ଯିବେ ସରକାରୀ ଅଧିକାରୀ। ବୟସାଧିକ କାରଣରୁ ଯେଉଁମାନେ ଇ-କେୱାଇସି କରିନାହାଁନ୍ତି ସେମାନଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ ଇ-କେୱାଇସି କରାଉଛନ୍ତି। ସେହିପରି ବିଭିନ୍ନ ରାଜ୍ୟରେ ଯେଉଁମାନେ ଇ-କେୱାଇସି କରିନାହାଁନ୍ତି ସେମାନଙ୍କ ନିକଟକୁ ବି ଅଧିକାରୀ ଯିବାକୁ ନିର୍ଦ୍ଦେଶ ରହିଛି। ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ନିକଟରେ ଗୋଆରେ କିଛି ଲୋକଙ୍କ ପାଖରେ ପହଞ୍ଚି ସରକାରୀ ଅଧିକାରୀ



ଇ-କେୱାଇସି କରାଇଛନ୍ତି। ଆଗକୁ ଅନ୍ୟ ରାଜ୍ୟରେ ଯଦି ଲୋକ ରହି ଯାଇଛନ୍ତି ଜଣାପଡ଼ିଲା ତେବେ ସେମାନଙ୍କ ନିକଟକୁ ଟିମ୍ ଯିବ। ସମସ୍ତଙ୍କର ଇ-କେୱାଇସି ସରକାର କରିବେ। ବର୍ତ୍ତମାନ ସୁଦ୍ଧା ୮୫ ପ୍ରତିଶତ ଇ-କେୱାଇସି ସରିଛି। ୧୫ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ସରିବ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ଲକ୍ଷ ହିତାଧୀକାରୀ କରିନାହାଁନ୍ତି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ : ଜାନୁଆରୀ ୧୦ରୁ ଆବେଦନ

**କଟକ,୦୧/୦୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ୨ ଶହ ପଦ ପୂରଣ ନିମନ୍ତେ ଆସନ୍ତା ଜାନୁଆରୀ ୧୦ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆବେଦନର ଶେଷ ତାରିଖ ଫେବୃୟାରୀ ୧୦ ତାରିଖ ଧାର୍ଯ୍ୟ ହୋଇଛି। ଓପିଏସ୍‌ସି ପକ୍ଷରୁ ପ୍ରତିବର୍ଷ ଓସିଏସ୍ ପରୀକ୍ଷା କରାଯାଉଛି। ଏଥର ୨୦୦ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଉଛି। ସେଥିମଧ୍ୟରୁ ୬୫ଟି ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ପାଇଁ ୫୦, ଅନୁସୂଚିତ ଜାତି ବର୍ଗରେ ୪୫, ଏସଇବିସି ୩୫ ଏବଂ ଅସଂରକ୍ଷିତ ବର୍ଗରେ ୭୦ ପଦ ରହିଛି। ବିଜ୍ଞପ୍ତି ଅନୁସାରେ ମୋଟ୍ ୨୦୦ ପଦ ମଧ୍ୟରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ରେ ୩୦ ପଦ, ଓଡ଼ିଶା ବିତ୍ତ ସେବା (ଓଏଫ୍‌ଏସ୍)ରେ ୪୬, ଓଡ଼ିଶା ଟ୍ୟାକ୍ସେସନ ଓ ଆକାଉଣ୍ଟ ସର୍ଭିସ(ଓଟିଏସି)ରେ ୬୨, ଓଡ଼ିଶା କୋଅପରେଟିଭ୍ ଅଡିଟ୍ ସର୍ଭିସରେ ୫, ଓଡ଼ିଶା କୋଅପରେଟିଭ୍ ସର୍ଭିସ୍‌ରେ ୧୪ ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆରଏସ)ରେ ୪୩ ପଦ ପୂରଣ କରାଯିବ।




# ବିଶ୍ୱ ପାଣିପାଗ ସଂଗଠନର ଚେତାବନୀ-୨୦୨୫ ପାଲଟିବ ଉତ୍ତପ୍ତ ବର୍ଷ

**ନୂଆଦିଲ୍ଲୀ, ୧/୧**

୨୦୨୪ ଥିଲା ଉତ୍ତପ୍ତ ବର୍ଷ। ଦୀର୍ଘ ବର୍ଷର ଭାଙ୍ଗିଥିଲା ରେକର୍ଡ। ସବୁ ରେକର୍ଡ କାଟିଥିଲା ତାପମାତ୍ରା। ତେବେ ୨୦୨୪କୁ କାଟିବ ୨୦୨୫ ଉତ୍ତାପ। ବିପଦ ଡାକିଆଣୁଛି ଜଳବାୟୁ ପରିବର୍ତ୍ତନ। ଚିନ୍ତା ବଢାଇଲା ବିଶ୍ୱ ପାଣିପାଗ ସଂଗଠନ ବା ଡବ୍ଲୁଏମଓର ରିପୋର୍ଟ। ଡବ୍ଲୁଏମଓ କହିଛି ଯେ ଗ୍ରୀନ୍ ହାଉସ୍ ଗ୍ୟାସର ସ୍ତର ଆହୁରି ବଢିବ। ଫଳରେ ଆଗାମୀ ଦିନରେ ଅଧିକ ଉତ୍ତାପର ସାମ୍ନା କରିବେ ବିଶ୍ୱବାସୀ। ଏମିତିକି ୨୦୨୪ ତୁଳନାରେ ୨୦୨୫ ହୋଇପାରେ ଗରମର ବର୍ଷ। ଯାହାର ପ୍ରଭାବ ଭୋଗିବେ ସାରା ବିଶ୍ୱବାସୀ। ଆକାଶରୁ ବର୍ଷିବ ନିଆଁ ଝୁଲ। ଦଶନ୍ଧି ରେକର୍ଡ ଭାଙ୍ଗିବ ତାପମାତ୍ରା। ଚେତାଇଲେ ମିଳିତ ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍। ଆଣ୍ଟୋନିଓ ଗୁଟେରସ୍‌ଙ୍କ କହିବା କଥା ନିକଟରେ ଆମେ ଭୟଙ୍କର ଉତ୍ତାପ ଦେଖିଥିଲେ। ତେବେ ୨୦୨୫ରେ ବଡ଼ ଜଳବାୟୁ ପରିବର୍ତ୍ତନ ସୂଚନା ମିଳୁଛି। ଆହୁରି ବି ବାସ୍ତବ ସମୟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବି ଦର୍ଶାଉଛି। ଗୁଟେରସ୍ ଏକ ଚେତାବନୀ ଜାରି କରି କହିଛନ୍ତି ଯେ ଭବିଷ୍ୟତରେ ପରିସ୍ଥିତି ଆହୁରି ଗୁରୁତର ହୋଇପାରେ। ୨୦୨୫ ମସିହାରେ ଅନେକ ଦେଶ ନିର୍ଗମନକୁ ହ୍ରାସ କରିବା ସହ ଏକ ସୁରକ୍ଷିତ ପଥ ଅନୁସରଣ କରିବାକୁ ପଡିବ। ନଚେତ୍ ଭୟାବହ ହେବ ସ୍ଥିତି। ଗୁଟେରସ୍ କହିବା କଥା ଆମକୁ ଏକ ନବୀକରଣଯୋଗ୍ୟ ଭବିଷ୍ୟତକୁ ସମର୍ଥନ କରିବାକୁ ପଡିବ। ଯାହା ଦ୍ୱାରା ଆମେ ଶକ୍ତି ସଙ୍କଟର ମୁକାବିଲା କରିପାରିବା। ଏମିତିକି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବି ହ୍ରାସ କରିପାରିବା। ସେହପରି ଡବ୍ଲୁଏମଓ ସେକ୍ରେଟେରୀ ଜେନେରାଲ ସେଲେଷ୍ଟେ ସାଉଲୋ କହିଛନ୍ତି ଯେ, ପ୍ରଥମ ବର୍ଷରେ ଜଳବାୟୁ ପରିବର୍ତ୍ତନକୁ ନେଇ କ୍ରମାଗତ ରେଡ୍ ଆଲର୍ଟ ଜାରି କରାଯାଇଛି। ୨୦୨୫ ଡବ୍ଲୁଏମଓର ୭୫ ତମ ବାର୍ଷିକୀ ହେବ। ଏହି ଅବସରରେ ବାର୍ତ୍ତା ଦିଆଯିବ ଯେ ଯଦି ଆମେ ଏକ ସୁରକ୍ଷିତ ଗ୍ରହ ଚାହୁଁ, ତେବେ ତୁରନ୍ତ ପଦକ୍ଷେପ ନେବାକୁ ପଡିବ। ସେଲେଷ୍ଟେ ସାଉଲୋ ଆହୁରି ବି କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଉପରେ ପଦକ୍ଷେପ ନେବା କେବଳ ଗୋଟିଏ ଦେଶର ଦାୟିତ୍ୱ ନୁହେଁ ବରଂ ଏହା ସାରା ବିଶ୍ୱର। ଜଳବାୟୁ ସଙ୍କଟର ମୁକାବିଲା ପାଇଁ ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ଦେଶକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ।




## ପ୍ରକାଶ ଅପେକ୍ଷାରେ...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)